୬ ଆଇସିସି ଆଚରଣବିଧି ଉଲ୍ଲଂଘନ କଲେ ପନ୍ତ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୪୭ ● ୨୫ ଜୁନ୍ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-147 ●25th June 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ମୁଖ୍ୟମନ୍ତ୍ରୀଙ୍କୁ ବାସଭବନରେ ସାକ୍ଷାତ କଲେ ରାଜ୍ୟପାଳ

# ବର୍ଷପୂର୍ତ୍ତିର ସଫଳତା ପାଇଁ ଜଣାଇଲେ ପ୍ରଶଂସା

**ଭୁବନେଶ୍ୱର, ୨୪।୬**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷର ସଫଳତା ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ଅବସରରେ ରାଜ୍ୟପାଳ ଶ୍ରୀ କମ୍ଭମପାଟି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପ୍ରଶାସନର ନେତୃତ୍ୱ ନେଇ ପ୍ରଥମ ବର୍ଷରେ ଅନେକ ଲୋକାଭିମୁଖୀ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟର ଅନେକ ବିକାଶମୂଳକ ଯୋଜନା ସମ୍ପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟପାଳଙ୍କୁ ଓଡିଶା ଭିଜନ- ୨୦୩୬ ଓ ୨୦୪୭ ପ୍ରଦାନ କରିଥିଲେ ଏବଂ ସମୃଦ୍ଧ ଓଡିଶା ଗଠନ ପାଇଁ ସରକାରଙ୍କ ରୋଡମ୍ୟାପ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ।

# ରଥଯାତ୍ରା : ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ହେବେ ୨୦୦ ପ୍ଲାଟୁନ୍ ଫୋର୍ସ




**ପୁରୀ, ୨୪।୬**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୭ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ରଥଯାତ୍ରାକୁ ତ୍ରୁଟି ଶୂନ୍ୟ, ଶୃଙ୍ଖଳିତ ଏବଂ ସୁପରିଚାଳନା ଭାବେ ସମ୍ପନ୍ନ କରିବା ନିମନ୍ତେ ମଙ୍ଗଳବାର ଅପରାହ୍ନରେ ପୁରୀସ୍ଥିତ ଟାଉନ୍‌ହଲ୍ ପରିସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ପୋଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଛନ୍ତି ।

ଚଳିତ ବର୍ଷ ଲକ୍ଷାଧିକ ଭକ୍ତ ପୁରୀକୁ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭକ୍ତଙ୍କୁ ଉପଯୁକ୍ତ ସେବା ଓ ସୁରକ୍ଷା ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଗୁରୁତ୍ୱାରୋପ କରିଛନ୍ତି । ଏହାସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ରଥଯାତ୍ରାର ସୁପରିଚାଳନା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ରଥଯାତ୍ରା ଡ୍ୟୁଟିରେ ଅଭିଜ୍ଞତା ସମ୍ପନ୍ନ ପୋଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର ଏବଂ ତିନି ରଥ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଅଘଟଣ ମୁକ୍ତ ରଥଟଣା ଏବଂ ରଥଯାତ୍ରା ପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ବୋଲି ଡିଜିପି କହିଛନ୍ତି ।

ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରଥମ ଥର ପାଇଁ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ ଟାଉନ ଥାନାରେ ସ୍ଥାପନ କରାଯିବ । ଏହା ସହ ଏଆଇର କ୍ୟାମେରା ସହରର ବିଭିନ୍ନ ସ୍ଥାନରେ ଲଗାଯିବ । ବିଶେଷ କରି ଉତ୍ତରା ଛକରୁ ଆରମ୍ଭ କରି ପୁରୀ ,ପୁରୀ -କୋଣାର୍କ ରୋଡ ସହିତ ସହରର ବିଭିନ୍ନ ଛକରେ ମଧ୍ୟ କ୍ୟାମେରା ବ୍ୟବସ୍ଥା କରାଯାଇଛି । ଯାହା ଫଳରେ ଭକ୍ତଙ୍କୁ ଟ୍ରାଫିକ ପରିଚାଳନାରେ ସହଯୋଗ ଓ ସୁବିଧା ମିଳିପାରିବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି ।

ଜନସାଧାରଣଙ୍କ ଯାତାୟାତର ସୁବିଧା ନିମନ୍ତେ ଏକ ବିଶେଷ *(ପୃଷ୍ଠା ୭ରେ)*

## ଅଭିନେଇ ଲୁଗୁନଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଶୋକ : ପରିଜନଙ୍କୁ ୪ଲକ୍ଷ ସହାୟତା

**ଭୁବନେଶ୍ୱର, ୨୪।୬**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଅଭିନେଇ ଲୁଗୁନଙ୍କ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଏହି ଦୁର୍ଘଟଣାରେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ଓ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

## ରାଜ୍ୟରେ ଆଉ ୯ ନୂଆ ମେଡିକାଲ କଲେଜ ଖୋଲିବ

**ଭୁବନେଶ୍ୱର, ୨୪।୬**
**ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଙ୍ଗଳବାର ଏକ ବଡ଼ ସୂଚନା ଦେଇଛନ୍ତି । ରାଜ୍ୟରେ ଆଉ ୯ଟି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଜଗତସିଂହପୁର, ଭଦ୍ରକ, ଢେଙ୍କାନାଳ, ନବରଙ୍ଗପୁରରେ ଏହି ସବୁ କଲେଜ ପ୍ରତିଷ୍ଠା ହେବ।

ଏପରିକି ବୁର୍ଲା, ବ୍ରହ୍ମପୁର, କେନ୍ଦୁଝର ଏବଂ ବଲାଙ୍ଗୀରରେ ୪ଟି ଡେଣ୍ଟାଲ କଲେଜ ହେବା ସହ ମୟୂରଭଞ୍ଜରେ ଗୋଟିଏ ଆୟୁର୍ବେଦ କଲେଜ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ରାଜ୍ୟରେ ନୂଆ ମେଡିକାଲ କଲେଜ ଖୋଲିବା ନେଇ ବଜେଟ ଅନୁମୋଦନ ହୋଇଛି।

# ଡାଇରିଆ ମୁକାବିଲା : ୩୦ ଜିଲ୍ଲାର ୯୮% ପାନୀୟଜଳ ବିଶୋଧନ ହେଲାଣି

**ଭୁବନେଶ୍ୱର, ୨୪।୬**
**ନ୍ୟୁଜ୍ ବ୍ୟୁରୋ**

ଡାଇରିଆ ସ୍ଥିତିକୁ ନେଇ ପଞ୍ଚାୟତରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ୩୦ ଜିଲ୍ଲାର ୯୮ ପ୍ରତିଶତ ପାନୀୟଜଳ ବିଶୋଧନ କରି ସାରିଲାଣି ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ । ଏନେଇ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା



ଦେଇଛନ୍ତି । ୨ ଦିନ ଭିତରେ ସମସ୍ତ ପାନୀୟ ଜଳ ବିଶୋଧନ କାମ ସରିବ। ୫ ଲକ୍ଷ ୪୦ ହଜାର ଟ୍ୟୁବୱେଲ ଏବଂ ୧୫୦୦୦ ଓଏସଟି ବିଶୋଧନ ହୋଇଛି । ୨୧୦୦୦ ବୋରୱେଲ ମଧ୍ୟ ବିଶୋଧନ କରାଯାଇଛି । ଘରୋଇ ଓପନ ୱେଲ ବି ବିଶୋଧନ କରିଛୁ । ହଇଜା ସ୍ଥିତିକୁ ଦେଖି ବିଭାଗ ତତ୍ପରତା ସହ କାମ କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

# ଏକକ ମା'ଙ୍କ ପିଲାର ଓବିସି ସାର୍ଟିଫିକେଟ ପାଇଁ ନିୟମ ବଦଳିବା ଗୁରୁତ୍ୱପୂର୍ଣ୍ଣ

**ନୂଆଦିଲ୍ଲୀ, ୨୪।୬**

ନିର୍ଦ୍ଦିଷ୍ଟ ବର୍ଗର ଏକକ ମା'ଙ୍କ ପିଲାଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସାର୍ଟିଫିକେଟ ଇସ୍ୟୁ ପାଇଁ ନିୟମାବଳୀରେ ସଂଶୋଧନ ହେବା ଗୁରୁତ୍ୱପୂର୍ଣ୍ଣ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏଥିପାଇଁ ଗାଇଡଲାଇନ ଆଣିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଛନ୍ତି, ଯାହା ଦ୍ୱାରା ପିତୃତ୍ୱ ପକ୍ଷର କାଗଜାତ ବିନା ଏକକ ମାଙ୍କ ପିଲା ସାର୍ଟିଫିକେଟ ପାଇପାରିବେ ବୋଲି ଜଷ୍ଟିସ କେ.ଭି. ବିଶ୍ୱନାଥନ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି । ପିଟିସନର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୨କୁ ଧାର୍ଯ୍ୟ ହୋଇଛି। ଦିଲ୍ଲୀର ଜଣେ ମହିଳା କରିଥିବା ଆବେଦନ *(ପୃଷ୍ଠା ୭ରେ)*



# ଇରାନ-ଇସ୍ରାଏଲ ଯୁଦ୍ଧବିରତି : ଭାରତର ସ୍ୱାଗତ

**ନୂଆଦିଲ୍ଲୀ, ୨୪।୬**

ଇରାନ-ଇସ୍ରାଏଲ ଯୁଦ୍ଧ ଏବଂ ଏଥିରେ ଆମେରିକାର ହସ୍ତକ୍ଷେପ ପରେ, ଏବେ ଯୁଦ୍ଧବିରତି ଘୋଷଣା କରାଯାଇଛି । ଗତ କିଛି ଦିନ ଧରି ଚାଲିଥିବା ସମଗ୍ର ଘଟଣା ସମ୍ପର୍କରେ ଭାରତ ଏକ ବିବୃତ୍ତି ମଧ୍ୟ ଜାରି କରିଛି । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତିକୁ ଭାରତ ସ୍ୱାଗତ କରିଛି । ଏହା ବ୍ୟତୀତ ଉଭୟ ଦେଶ ଆଲୋଚନା ଏବଂ କୂଟନୀତିର ପଥ ଗ୍ରହଣ କରିବା ଉଚିତ ବୋଲି ଭାରତ ଗୁରୁତ୍ୱାରୋପ କରିଛି । ଭାରତ କହିଛି ଯେ ଏହା ସମଗ୍ର ପରିସ୍ଥିତି ବିଷୟରେ 'ଗମ୍ଭୀରତାର ସହିତ ଚିନ୍ତିତ', କିନ୍ତୁ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ରିପୋର୍ଟକୁ ସ୍ୱାଗତ କରୁଛି।

ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ଘୋଷଣା କରିଛନ୍ତି । ଏହା ପରେ, ଭାରତ ପକ୍ଷରୁ ଏ ବିଷୟରେ ଏକ ବିବୃତ୍ତି ଜାରି କରାଯାଇଛି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ନିଜ ଏକ୍ସ ଆକାଉଣ୍ଟରେ ଏକ ପୋଷ୍ଟରେ ଏକ ବିବୃତ୍ତି ଜାରି କରିଛି । ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଆମେ ରାତିସାରା ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସଂଘର୍ଷ ସହିତ ଜଡିତ ଘଟଣା ଉପରେ ନଜର ରଖିଛୁ, ଯେଉଁଥିରେ ଇରାନର ପରମାଣୁ କେନ୍ଦ୍ର ବିରୁଦ୍ଧରେ ଆମେରିକାର କାର୍ଯ୍ୟାନୁଷ୍ଠାନ ଏବଂ କାତାରରେ ଆମେରିକୀୟ ସାମରିକ ଘାଟି ବିରୁଦ୍ଧରେ ଇରାନର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଅନ୍ତର୍ଭୁକ୍ତ। ବୈଦେଶିକ ମନ୍ତ୍ରଣାଳୟ ଆହୁରି କହିଛି, ଯଦିଓ ଆମେ ସାମଗ୍ରିକ ଏବଂ ସ୍ଥାୟୀ *(ପୃଷ୍ଠା ୭ରେ)*



# ଗୋଷ୍ଠୀ ସଂଘର୍ଷ ପରେ ଗୁଳିକାଣ୍ଡରେ ଜଣେ ମୃତ

**ବାରିପଦା, ୨୪।୬**
**ନ୍ୟୁଜ୍ ବ୍ୟୁରୋ**

ବାରିପଦା ସହରର କାଳିକାପୁର ଅଞ୍ଚଳରେ ମଙ୍ଗଳବାର ଏକ ଛେଳିଚୋରି ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ଶେଷରେ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ ସହ ଗୁଳିମାଡ଼ ହୋଇ ଜଣେ ଯୁବକ ମୃତାହତ ହେବା ଭଳି ଅଭାବନୀୟ ଘଟଣା ଘଟିଛି। ସୂଚନା ମୁତାବକ ସୋମବାର ସନ୍ଧ୍ୟା ସମୟରେ କିଛି ସ୍ଥାନୀୟ ଯୁବକ ତୁଳସୀ ଚଉରା ଅଞ୍ଚଳରୁ ଦୁଇଟି ଛେଳି ଚୋରି କରିଥିବା ସମୟରେ ଛେଳି ମାଲିକ ରାଜୁ ଘୋଡେଇ ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ଫଳରେ ଚୋର ମାନେ ଗୋଟେ ଛେଳି ଛାଡି ଚାଲିଯାଇଥିବା ବେଳେ ଅନ୍ୟଟି ସାଥିରେ ନେଇ ଯାଇଥିଲେ। ଛେଳି ମାଲିକ ଚୋରି ଛେଳି ଟିକୁ ମାଗିବାକୁ ଯାଇଥିବା ବେଳେ, ଛେଳି ଚୋରି କରିଥିବା ଯୁବକ ଓ ତାଙ୍କ ପରିବାର ଏହାକୁ ବିରୋଧ କରିଥିଲେ। ଘଟଣା ସମ୍ପର୍କରେ ଟାଉନ ଥାନାକୁ ଖବର ଦେବାରୁ ପୋଲିସ ଏହାର ସମାଧାନ କରିଥିଲା। ହେଲେ ମଙ୍ଗଳବାର ସକାଳୁ ଛେଳି ଚୋର ପକ୍ଷର କିଛି ଯୁବକ ଖଣ୍ଡା ଭୁଜାଲି ଓ ବନ୍ଧୁକ ଧରି ଛେଳି ମାଲିକଙ୍କ ସମେତ ତାଙ୍କ ମାଆଙ୍କୁ ଆକ୍ରମଣ କରିଥିଲେ। ଫଳରେ ଏହା ଏକ ଗୋଷ୍ଠୀ ସଂଘର୍ଷର ରୂପ *(ପୃଷ୍ଠା ୭ରେ)*

# ମହାପ୍ରଭୁଙ୍କ ଦଶମୂଳ ମୋଦକ ଚୋରି ଘଟଣା : ଆଇନମନ୍ତ୍ରୀଙ୍କ ରିପୋର୍ଟ ତଲବ

**ପୁରୀ, ୨୪।୬**
**ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁଙ୍କ ଦଶମୂଳ ମୋଦକ ଚୋରି ଘଟଣା ରିପୋର୍ଟ ତଲବ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି ଶ୍ରୀମନ୍ଦିରରୁ ରିପୋର୍ଟ ଆସିବା ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ। ତଦନ୍ତରେ ଯିଏ ବି ସ୍ୱାନରକୁ ଆସିବ ସେ ନିଶ୍ଚୟ ଦଣ୍ଡ ପାଇବ ବୋଲି ମନ୍ତ୍ରୀ କହିଛନ୍ତି । ସେ ଆହୁରି କହିଛନ୍ତି ଭଗବାନଙ୍କୁ ଲାଗି ହେବାକୁ ଥିବା ମୋଦକକୁ ଗଣାଯାଏନି।

ସେପଟେ ଘଟଣାକୁ ନେଇ ଉତ୍ତର ରଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ । ମୁଖ୍ୟ ପ୍ରଶାସକ କହିଛନ୍ତି ବଡ ବାଡଗ୍ରାହୀ ଆମକୁ ଘଟଣା ନେଇ ଚିଠି



ଲେଖିଛନ୍ତି । ପ୍ରାରମ୍ଭିକ ସୂଚନା ଅନୁସାରେ ଅଭିଯୋଗ ଭିତ୍ତିହୀନ ବୋଲି ଜଣାପଡିଛି। ତାର ତଦନ୍ତ ରିପୋର୍ଟ ବି ଆମେ ମାଗିଛୁ । ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, କୌଣସି ବୈଦ୍ୟ ସେବକ ଗାରଦରେ ନେଇ ଦିଅନ୍ତି, ସେତେବେଳେ ସେଇ ଅମଣିଆ ଦଶମୂଳ ମୋଦକକୁ କୌଣସି ମନ୍ଦିର ପ୍ରଶାସନ ବା ଗାରଦର କୌଣସି ବ୍ୟକ୍ତି ଏହାକୁ ଛୁଅଁନ୍ତିନି କି ଗଣତି ନାହିଁ । ତେବେ ସବୁ ଆଡୁ ତଦନ୍ତ କରିବା ପରେ ଆମେ ଜାଣିବାକୁ ପାଇଛୁ କି, ଚୋରି ହୋଇନି ମୋଦକ । ତେବେ ତଦନ୍ତ ପରେ ସବୁ ସତ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି ।

ସୂଚନା ଥାଉକି, ଶ୍ରୀଜୀଉଙ୍କ ମୋଦକ ଚୋରି ହେବା ପରେ, ମହାପ୍ରଭୁଙ୍କଠାରେ ଲାଗି ହୋଇଥିଲା, ମାରା ମୋଦକ । ୭୦ଟି ମୋଦକ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଥିଲା । କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖିଥିଲେ ବଳଭଦ୍ରଙ୍କ ବାଡଗ୍ରାହୀ ହଳଧର ଦାସ ମହାପାତ୍ର ।

## ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି : ଭୁବନେଶ୍ୱର-ଆବୁଧାବି ଇଣ୍ଡିଗୋ ବିମାନ ବାତିଲ



**ଭୁବନେଶ୍ୱର, ୨୪।୬**
**ନ୍ୟୁଜ୍ ବ୍ୟୁରୋ**

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ପାଇଁ ଭୁବନେଶ୍ୱରରୁ ଆବୁଧାବି ଯାଉଥିବା ଇଣ୍ଡିଗୋ ବିମାନ ବାତିଲ କରାଯାଇଛି । ଯୁଦ୍ଧ ଯୋଗୁଁ ବିମାନ ଚଳାଚଳ ସଂସ୍ଥା ବିମାନ ବନ୍ଦ କରିଥିବା ସୂଚନା ଦେଇଛନ୍ତି ବିମାନ ବନ୍ଦର କର୍ତ୍ତୃପକ୍ଷ। ଆଗକୁ ଆହୁରି କିଛି ଦିନ ବନ୍ଦ ରହିପାରେ ଏହି ବିମାନ ବୋଲି ସେ କହିଛନ୍ତି ।

## ଏକାଳ ପଖାଳ



ପୃଥିବୀ ସାରା ଯେଉଁଆଡେ ଦେଖ
ସବୁଠି ଅଶାନ୍ତି ଯୁଦ୍ଧ
ମଣିଷ ଭର୍ତ୍ତି ଏଇ ଦୁନିଆଁରେ
ନାହିଁ ମନୁଷ୍ୟତ୍ୱ ଗନ୍ଧ
କେବେ ହେବ ଏସବୁ ବନ୍ଦ
ଶାନ୍ତିର ବାରତା ସବୁଆଡେ ଯାଇ
ଗାଇବ ଅମୀୟ ଛନ୍ଦ।

# ସ୍ମାର୍ଟ ସିଟି ମିଶନର ୧୦ ବର୍ଷ: ୯୪% ପ୍ରକଳ୍ପ ରୂପାୟନ



**ନୂଆଦିଲ୍ଲୀ, ୨୪।୬**

ସ୍ମାର୍ଟ ସିଟି ମିଶନ ସ୍ମାର୍ଟ, ପରିପୂରକ ସମାଧାନ ମାଧ୍ୟମରେ ଭାରତର ସହରଗୁଡ଼ିକରେ ଜୀବନ ଧାରଣର ଗୁଣବତ୍ତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ଏଥିପାଇଁ ଆର୍ଥିକ ଦୃଷ୍ଟିରୁ ସକ୍ରିୟ, ସମାବେଶୀ ଏବଂ ପରିବେଶ ଅନୁକୂଳ ସହର ସୃଷ୍ଟି କରିବା ପାଇଁ ଏହି ମିଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହିକ୍ରମରେ ସହରାଞ୍ଚଳରେ ଭିତ୍ତିଭୂମି, ଶାସନ ଏବଂ ସାମାଜିକ ବିକାଶ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ ଦେଇଛି ସ୍ମାର୍ଟସିଟି ମିଶନ।

ପ୍ରଥମ ପର୍ଯ୍ୟାୟରେ ୧୦୦ଟି ସହରରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହାକୁ ଆରମ୍ଭ କରାଯାଇଥିଲା। ଯାହାଦ୍ୱାରା ସହରାଞ୍ଚଳରେ ଦ୍ରୁତ ଗତିରେ ବଢୁଥିବା ଗୃହ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ମନୋରଞ୍ଜନ ଭଳି ବିବିଧ ଆବଶ୍ୟକତାକୁ ପୂରଣ କରିବାକୁ ଉଦ୍ୟମ କରାଯାଇଥିଲା। ଏହି ସହରଗୁଡ଼ିକୁ ମଡେଲ ଭାବେ ଗ୍ରହଣ କରି ଅନ୍ୟ ଉଦୀୟମାନ ସହରପାଇଁ ଆଦର୍ଶ ହେବାକୁ ଲକ୍ଷ୍ୟ ରଖାଯାଇଛି।

୧୦୦ ଟି ସହର ଏହି ଲକ୍ଷ୍ୟକୁ ପରିଚାଳନା କରିବା ସହିତ, ସ୍ମାର୍ଟ ସିଟି ମିଶନ ଯଥେଷ୍ଟ ପ୍ରଗତି *(ପୃଷ୍ଠା ୭ରେ)*

# ସାରା ଦେଶରେ ମୌସୁମୀ ସକ୍ରିୟ

**ନୂଆଦିଲ୍ଲୀ, ୨୪।୬**

ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ ମଙ୍ଗଳବାର ଜାରି କରିଥିବା ତାର ପୂର୍ବାନୁମାନରେ ଦେଶର ବିଭିନ୍ନ ଅଞ୍ଚଳରେ ଆସନ୍ତା କିଛି ଦିନ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଚେତାବନୀ ଦେଇଛି। ଏହା ଅନୁଯାୟୀ, ବର୍ତ୍ତମାନ ସମୟରେ ଦେଶର ଅନେକ ସ୍ଥାନରେ ସକ୍ରିୟ ମୌସୁମୀ ପ୍ରଣାଳୀ ଚାଲିଥିବାରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି, ଯାହା ଫଳରେ ବନ୍ୟା, ଜଳପୂର୍ଣ୍ଣ ଓ ମାଟି ଧସିବା ପରି ଘଟଣା ଘଟିପାରେ। ବିଶେଷକରି ପୂର୍ବ ଓ ମଧ୍ୟ ଭାରତରେ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ପାଣିପାଗ ଅବସ୍ଥା ଗମ୍ଭୀର ରୂପ ଧାରଣ ରହିବ ।



୨୭ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶ, ଛତିଶଗଡ଼, ଓଡିଶା, ଝାରଖଣ୍ଡ, ବିହାର ଓ ପଶ୍ଚିମବଙ୍ଗର ଅନେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ଏହି ସମସ୍ତ ଅଞ୍ଚଳରେ ବଜ୍ରପାତ, ଘଡଘଡି ଓ ପବନ ସହିତ ଲାଗାତାର ବର୍ଷା ହେବାର *(ପୃଷ୍ଠା ୭ରେ)*





### ||||||||||||||| ଶ୍ୟାମାପ୍ରସାଦଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ପାଳନ |||||||||||||||

# ଯୁବ ସମାଜ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶ ଅନୁସରଣ କରନ୍ତୁ:ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟର ଯୁବବର୍ଗଙ୍କୁ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଓ ଆଦର୍ଶକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଥିଲେ ଓ କହିଥିଲେ ଯେ, ଡଃ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଉପହାର ଯାହା ପ୍ରତିଟି ଭାରତବାସୀଙ୍କୁ ଆଦର୍ଶ ଓ ପ୍ରେରଣା ଦିଏ । ତାଙ୍କ ଭାବନା, ଆଜି ସମଗ୍ର ଦେଶ ପାଇଁ ଏକ ଦିଗ୍‌ଦର୍ଶନ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି କହିଥିଲେ ଯେ, ଜମ୍ମୁ-କଶ୍ମୀର ଭିତରେ ଭାରତର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସେ ଜଣେ ଦୃଢ଼ ଯୋଦ୍ଧା ଭାବରେ ନିଜ କର୍ତ୍ତବ୍ୟରେ ଅଦମ୍ୟ ରହିଥିଲେ । ତାଙ୍କର ଅଭିମତ ଥିଲା, କାଶ୍ମୀର ଭାରତର ଅବିଚ୍ଛିନ୍ନ ଅଂଶ ଓ ଏଥିପାଇଁ କୌଣସି ବିଶେଷ ଧାରା ଦରକାର ନାହିଁ । ଏହି ଭାବନା ଗଭୀର ରାଷ୍ଟ୍ରପ୍ରେମର ପ୍ରତିଫଳନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷରେ ସମ୍ବିଧାନର ୩୭୦ ଧାରା ଓ ୩୫ (କ)ର ଉଚ୍ଛେଦ କରିଛନ୍ତି । ଏହି ସାହସିକ ପଦକ୍ଷେପ କେବଳ ଯେ ଦେଶ ପାଇଁ ମଙ୍ଗଳମୟ ତାହା ନୁହେଁ, ଏହା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଯେତେବେଳେ ବି ଜାମ୍ମୁ-କାଶ୍ମୀରର ନାମ ନିଆଯିବ ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନାମ ବିନା ସବୁବେଳେ ଅଧା ହିଁ ରହିବ । ଡ. ମୁଖାର୍ଜୀଙ୍କ ସ୍ୱପ୍ନ ଓ ସଂଘର୍ଷକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀ ପୂରଣ କରିଛନ୍ତି ବୋଲି ସେ କହିଥିଲେ । ରାଜ୍ୟରେ ପୂଜ୍ୟପୂଜାର ପରମ୍ପରା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ରାଜ୍ୟରେ ମଧ୍ୟ ପୂର୍ବ ସରକାର ଡଃ ମୁଖାର୍ଜୀଙ୍କର ବଳିଦାନ ଦିବସକୁ ପାଳନ କରୁନଥିଲେ କିନ୍ତୁ ଆମ ସରକାର ଏହାକୁ ଜାତୀୟ କର୍ତ୍ତବ୍ୟ ବୋଲି ସ୍ୱୀକାର କରି ପାଳନ କରୁଛି ଏବଂ ଆଗକୁ ମଧ୍ୟ କରିବ । ଆମର ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ । ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସାରା ଓଡ଼ିଶାରେ ଯୁବଶକ୍ତି ବିକାଶ କାର୍ଯ୍ୟକ୍ରମ କରୁଛନ୍ତି । ଆଜି ଆମେ ଯେତେବେଳେ ଏକ ନୂଆ ଓଡ଼ିଶା ଗଢୁଛୁ, ଏକ ଶକ୍ତିଶାଳୀ ଭାରତର ଦିଗକୁ ବଢୁଛୁ, ଡଃ ମୁଖାର୍ଜୀଙ୍କ ନିତି ଓ ଦୃଷ୍ଟିକୋଣ ଆମକୁ ସଠିକ୍ ମାର୍ଗ ଦେଉଛି । ଏହି ଅବସରରେ ଯୁବ ସମାଜକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଓ ଆଦର୍ଶକୁ ଅନୁସରଣ କରନ୍ତୁ । ଦେଶପ୍ରେମ, ନୈତିକତା ଓ ଅଖଣ୍ଡତା ପାଇଁ ସେ କିପରି ଅବିରତ ଲଢ଼ିଥିଲେ, ତାହା ଆମେ ଭୁଲିଯିବା ଉଚିତ୍ ନୁହେଁ । ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ଏକ ଆନ୍ଦୋଳନର ଲେଲିହାନ ଶିଖା ରୂପେ ପ୍ରତ୍ୟେକ ଭାରତୀୟଙ୍କ ଜୀବନକୁ ପ୍ରଭାବିତ କରୁ । ଏହି କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଡଃ ମୁଖାର୍ଜୀଙ୍କୁ ଯୁବ ଶକ୍ତିର ପ୍ରେରଣା ବୋଲି କହିବା ସହିତ ତାଙ୍କ ଜୀବନକୁ ମହାକାଶର ଉଲକା ସହିତ ତୁଳନା କରିଥିଲେ, ଯାହା ଆକାଶରେ ଅଳ୍ପ ସମୟ ରହିଲେ ମଧ୍ୟ ସମସ୍ତ ମହାକାଶ ଜଗତକୁ ପ୍ରଭାବିତ କରିଥାଏ । ସେହିପରି ଜଣେ ବ୍ୟକ୍ତିତ୍ୱ ଥିଲେ ଡଃ ମୁଖାର୍ଜୀ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ, ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।



## 'ସାମ୍ବାଦିକମାନଙ୍କ ସୁରକ୍ଷା ଓ ସମସ୍ୟା ସମାଧାନ ପାଇଁ ସରକାର ପଦକ୍ଷେପ ନିଅନ୍ତୁ'

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଓଡ଼ିଶା ସମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଶ୍ୟାମଲେଇ ପାଠ ପ୍ରାଙ୍ଗଣରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟ ସଭାପତି ତଥା ରାଜ୍ୟ ମୁଖ୍ୟ ପରାମର୍ଶଦାତା ଅଶୋକ କୁମାର ନନ୍ଦ ଯୋଗଦେଇ ସଂଘର ଇତିହାସ ଓ ସାଂଗଠନିକ ବ୍ୟବସ୍ଥା ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଉପସଭାପତି ଡ. ଜ୍ୟୋତି ରଞ୍ଜନ ଆଚାରୀ ସଂଯୋଜନା କରିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ଦାଶ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ଦାସ, ଉପସଭାପତି ସରୋଜ କୁମାର ମହାନ୍ତି, ପ୍ରଶାନ୍ତ କୁମାର ମହାରଣା, ଜିଲ୍ଲା ସମ୍ପାଦକ ଶିବପ୍ରସାଦ ସାହୁ, କୋଷାଧ୍ୟକ୍ଷ ରାଜକିଶୋର ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ । ସାମ୍ବାଦିକ ସୁରକ୍ଷା ଆଇନ ଓ ପୂର୍ବରୁ ଦାବି ହୋଇ ଆସୁଥିବା ରାଜ୍ୟରେ ସାମ୍ବାଦିକ ମାନଙ୍କ ପାଇଁ ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା ନେଇ ସରକାର ପଦକ୍ଷେପ ନେବାକୁ ଦାବି କରିବା ସହ ଜିଲ୍ଲାରେ ସଂଗଠନ ସୁଦୃଢ଼ ନେଇ ଜିଲ୍ଲା କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ । ସରୋଜ ସାମଲ, ହରପ୍ରସାଦ ପାତ୍ର, ସୂର୍ଯ୍ୟ ନାରାୟଣ ପାଣିଗ୍ରାହି, ପ୍ରଶାନ୍ତ ମହାରଣା, ବିଭୂତି ଭୂଷଣ ତ୍ରିପାଠୀ, ସନ୍ତୋଷ ସାହୁ, ବିଦ୍ୟାଧର ସାହୁ, ନାରାୟଣ ସେନାପତି, କନକାସୀ ସେଠି, ଅରୁଣ କୁମାର ଗୌଡ଼, ବଟକୃଷ୍ଣ ରାଉଳ, ନିରଞ୍ଜନ ପରିଡା, କେ. ରଜନୀକାନ୍ତ ରେଡି, ପ୍ରଦୀପ ସାହୁ, ରବିନ୍ଦ୍ର ସାହୁ, ଏନ. ରାଜେନ୍ଦ୍ର, ପ୍ରଶାନ୍ତ କୁମାର ମିଶ୍ର, ସରୋଜ ପଟ୍ଟନାୟକ, ଅଶ୍ୱିନୀ ମହାନ୍ତି, ଦିଲ୍ଲୀପ କୁମାର ଖଡ଼ଙ୍ଗା, ପ୍ରଦୀପ କୁମାର ସାହୁ, ଇଛାପୁରି ବାଡ଼ପଣ୍ଡା ପ୍ରମୁଖଙ୍କ ସହ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂଘର ସଦସ୍ୟମାନେ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ । ଆସନ୍ତା ଅଗଷ୍ଟ ମାସରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ବ୍ରହ୍ମପୁରରେ ଆୟୋଜନ ପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା । ପରିଶେଷରେ ଜିଲ୍ଲା ସମ୍ପାଦକ ଶିବ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପରିବାର ଠାରୁ ୫୦ ହଜାର ଟଙ୍କା ଦାବି କରି ନିଜ ଅପହରଣ ନାଟକ ରଚିଲେ ବିଟେକ୍ ଛାତ୍ର

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକର ଚାଉଳିଆଗଞ୍ଜ ଅଞ୍ଚଳରେ ଜଣେ ବି.ଟେକ୍ ଛାତ୍ର ନିଜର ଅପହରଣ ଯୋଜନା ରଚିଥିଲେ । ତେବେ ପୋଲିସ ଅପହରଣ ନାଟକର ପର୍ଦ୍ଦାଫାସ୍ କରିଥିବା କଟକ ଡିସିପି ଋଷିକେଶ ଖିଲାର ସୂଚନା ଦେଇଛନ୍ତି ଯେ, ଘରୁ ନିଖୋଜ ହୋଇ ବି.ଟେକ୍ ଛାତ୍ର ନିଜର ଅପହରଣ ଯୋଜନା କରିଥିଲେ । ପୋଲିସ ଡେପୁଟି କମିସନର କହିଛନ୍ତି ଯେ, ପୋଲିସ ତଦନ୍ତରୁ ଜଣାପଡ଼ିଛି, କ୍ରିପ୍ଟୋ କରେନ୍ସିରେ କ୍ଷତି ହେବାପରେ, ଛାତ୍ର ଜଣକ ତାଙ୍କ ପରିବାର ସଦସ୍ୟଙ୍କ ଠାରୁ କ୍ଷତି ଭରଣା କରିବା ପାଇଁ ଟଙ୍କା ଆଦାୟ କରିବାକୁ ଯୋଜନା କରିଥିଲେ । ସୂଚନା ଅନୁଯାୟୀ, ଛାତ୍ର ଜଣକ ତାଙ୍କର ଅନ୍ୟ କିଛି ବନ୍ଧୁଙ୍କ ସହିତ ମିଶି ତାଙ୍କ ପରିବାର ସଦସ୍ୟଙ୍କ ଠାରୁ ୫୦ ହଜାର ଟଙ୍କା ମାଗିଥିଲେ । ନହେଲେ ଅପହରଣ କରାଯାଇଥିବା ପୁଅକୁ ମୁକ୍ତ କରାଯିବନାହିଁ ବୋଲି ପରିବାର ସଦସ୍ୟଙ୍କୁ ଧମକ ଦିଆଯାଇଥିଲା । ପରିବାର ସଦସ୍ୟମାନେ ଭୟଭୀତ ହୋଇ ପୋଲିସକୁ ଖବର ଦେଇଥିଲେ । ଯୁବକଙ୍କ ଭଉଣୀ ଜୁନ୍ ୨୦ ତାରିଖରେ ଏନେଇ ଚାଉଳିଆଗଞ୍ଜ ପୋଲିସ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ବିଟେକ୍ ଛାତ୍ରଙ୍କ ଫୋନ୍ ଟ୍ରାକ୍ କରିଥିଲା ଏବଂ ତଦନ୍ତ ପରେ ତାଙ୍କୁ ପାଇଥିଲା । ଏହାପରେ ଅପହରଣ ପଛର ସମ୍ପୂର୍ଣ୍ଣ କାହାଣୀ ଜଣାପଡ଼ିଥିଲା ।

# ଖରିଫ ଧାନ ନଉଠାଇବା ପ୍ରତିବାଦରେ ତାତିଲେ ଚାଷୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ଚାଷୀଙ୍କ ରବି ଧାନ ନଉଠିବା ଓ ମଣ୍ଡିରେ ଧାନ ପଡ଼ି ବର୍ଷା ଜନିତ କ୍ଷୟକ୍ଷତିରେ ଧାନ ଗଜା ହୋଇଯିବା ପ୍ରତିବାଦରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ପ୍ରତିବାଦ କରିଛନ୍ତି । ସାରା ଜିଲ୍ଲାରେ ସ୍ଥିତି ସମାନ । ଉଲୁଣ୍ଡାରେ ପରିସ୍ଥିତି ଅସମ୍ଭାଳ । ସେପରି ଉଲୁଣ୍ଡା ବ୍ଲକ୍ କୋଟସମଲେଇ ମଣ୍ଡିରେ ୧୦୦୦୦ ପକେଟ୍ ଧାନ ପଡ଼ି ବର୍ଷାରେ ଭିଜି ଗଜା ହେଇଗଲାଣି । ସେହିପରି ବିନିକା, ଡୁଙ୍ଗୁରିପାଲି, ତରଭା ଅଞ୍ଚଳର ପେକ୍ସ ମାନଙ୍କରେ ହଜାର ହଜାର ଧାନ ବସ୍ତା ପଡ଼ି ରହିଛି । ଆହୁରି ଚାଷୀମାନେ ବର୍ଷା ଭୟରେ ଧାନ ସବୁ ନିଜ ଘରେ ଓ ଖଳାରେ ପକାଇଛନ୍ତି । ବାରମ୍ବାର ପ୍ରଶାସନକୁ କହିଲେ ମଧ ମଣ୍ଡିରେ ଗାଡି ଦେଖାନାହିଁ । ଚାଷୀମାନେ ଅଭିଯୋଗ କରିଛନ୍ତି ମଣ୍ଡିରେ ପଡ଼ି ଧାନ ଯଦି କ୍ଷତି ହେବ ତାର ଭରଣା କିଏ ଦେବ ? ୫୦ ଜଣ ମିଲର୍ସଙ୍କ ସ୍ୱାର୍ଥ ଦେଖି ପ୍ରଶାସନ ହଜାର ହଜାର ଚାଷୀଙ୍କ ଭାଗ୍ୟକୁ ବଳି ପକାଉଛି । ୩୧୦୦ ଧାନ କ୍ୱିଣ୍ଟାଲ ଦେଲେ କଣ ହେବ ଏପଟେ କଟନି ଛଟିନି ଓ ଧାନ ଗଜା ହେବା ସ୍ୱୀକାର କରିବାକୁ ପଡ଼ିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ନେତା ମନ୍ତ୍ରୀ ପ୍ରଶାସନ ସମସ୍ତେ ମିଶି ଚାଷୀ ଦୁଃଖରେ ଖୁସି ମନାଉଛନ୍ତି । କେବେ ସୁଦ୍ଧା ଧାନ ଉଠିବ ଲିଖିତ ହିସାବରେ ନ ଜଣାଇଲେ ଚାଷୀମାନେ ସବୁ ଧାନ ସିଏସ୍ ଓ ଅଫିସ ଓ କଲେକ୍ଟର ଅଫିସରେ ଗଦାଇବା ସହ ରାଜ ରାସ୍ତାରେ ପକାଇ ବିକ୍ଷୋଭ କରିବା ହିଁ ଶେଷ ରାସ୍ତା ବୋଲି ଚେତାବନୀ ଦେଇଛନ୍ତି । ଧାନ ମଣ୍ଡି ଭିତ୍ତିଭୂମି ନଥିବାରୁ ଲୋକ ସବୁ ରାସ୍ତାରେ ଧାନ ଜମା କରିଛନ୍ତି । ଆଗକୁ ପାତାଳୀ ଶ୍ରୀକ୍ଷେତ୍ର ରଥଯାତ୍ରା ଆସୁଥିବାରୁ ଏହି ଧାନ ଶୀଘ୍ର ନଉଠିଲେ ଗମ୍ଭୀର ଟ୍ରାଫିକ ଓ ପାର୍କିଂ ଅସୁବିଧା ଦେଖାଯିବ । ଏହା ସତ୍ତ୍ୱେ କେହି ସମ୍ବେଦନଶୀଳ ନହେବା ପ୍ରଶାସନ ମିଲର୍ସ ଓ ବେପାରୀ ମାନଙ୍କ ମଧୁଚନ୍ଦ୍ରିକା ବୋଲି ସେମାନେ ଅଭିଯୋଗ କରିଛନ୍ତି । ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ ରଥଯାତ୍ରା ପୂର୍ବରୁ ଧାନ ଉଠେଇ ନେବା ପାଇଁ ଦାବି ରଖିଥିଲେ । ଆରକ୍ଷୀ ଅଧିକ୍ଷକ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀ ସାଏ ୨୬ ତାରିଖ ମଧ୍ୟରେ ଧାନ ଉଠେଇ ନେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଲା ପରେ ଚାଷୀମାନେ ବୁଝିଥିଲେ । ଏଥିରେ ଖିଲାପି ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଗଠନର ଚାଷୀମାନେ କହିଛନ୍ତି ।

# ବିନା ଥଇଥାନରେ ଘର ଓ ଦୋକାନ ଭାଙ୍ଗିଦେଲା ପ୍ରଶାସନ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ସୋମବାର ତାଙ୍କ ଉମରକୋଟ ବାସଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଶାସକ ଦଳ ଓ ମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି ଯେ ଉମରକୋଟ, ଝରିଗାଁ, ରାଇଘର ଅଞ୍ଚଳରେ ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଗାଁ ଗହଳିରେ ଛୋଟିଆ ଘରଟିଏ ଦୋକାନ କରି ଚଳୁଥିବା ଏହି ନିରୀହ ଲୋକଙ୍କୁ ଜିଲ୍ଲା ପ୍ରଶାସନ ଗୋଟିଏ ନୋଟିସ୍ କରି ଘର ସବୁ ଭାଙ୍ଗି ଦେଇଛନ୍ତି । ସେମାନଙ୍କୁ କୌଣସି ଥଇଥାନର ବ୍ୟବସ୍ଥା କରିନାହାନ୍ତି ଜିଲ୍ଲା ପ୍ରଶାସନ । ଝରିଗାଁ ବ୍ଲକର ହାତୀ ବାଡି ଗ୍ରାମରେ ୨୮ ପରିବାରଙ୍କ ଘର, ସେଭଳି ଉମରକୋଟର ମେନ୍ଦା ବେଡାର ରାସ୍ତା କଡରେ ଦୋକାନ କରି ଚଳୁଥିବା ୧୭ଟି ଦୋକାନ ଘର ଗୁଡିକ ଭାଙ୍ଗି ଦେଇଛନ୍ତି । ଏନେଇ ସିଧା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଟାର୍ଗେଟ୍ କରିଛନ୍ତି ଶ୍ରୀ ମାଝି । ସେ କହିଛନ୍ତି ଯେତେବେଳେ ରାଜ୍ୟରେ ବିଜୁ ଜନତା ଦଳ ଶାସନ କରୁଥିଲା ସେତେବେଳେ ବିରୋଧୀ ଦଳର ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଭୂ-ବନ୍ଦୋବସ୍ତ କେବେହେବ ବୋଲି ପ୍ରଶ୍ନ ଉଠାଇଥିଲେ । ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନ ସରକାର । ରାଜ୍ୟରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟଭାର ସମ୍ଭାଳି ବର୍ଷେ ହେଲାଣି ଭୂ-ବନ୍ଦୋବସ୍ତ କଥା ଭୁଲିଯାଇ ଲୋକଙ୍କ ଘର ବୁଲ୍‌ଡ୍ରୋଜର ଲଗାଇ ଭାଙ୍ଗୁଛନ୍ତି, କେଉଁ ପ୍ରକଳ୍ପ ପାଇଁ ଭାଙ୍ଗୁଛନ୍ତି ଜବାବ୍ ମାଗିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ କେବଳ ରଙ୍ଗ ବଦଳା ଯାଉଛି, କୌଣସି ଆଖିଦୃଶିଆ କାମ ହେଉନାହିଁ । ସରକାର ଉପରେ ଟାର୍ଗେଟ୍ କରିଛନ୍ତି ନବରଙ୍ଗପୁର ବିଜେଡି ସଭାପତି ରମେଶ ମାଝୀ । ଯଦି ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଉଚିତ୍ ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ରାଜ ରାସ୍ତାରେ ଓହ୍ଲାଇ ନିରୀହ ଲୋକଙ୍କ ପାଇଁ ଲଢେଇ କରିବାକୁ ଚେତାବନୀ ଦେଇଛନ୍ତି ଶ୍ରୀ ମାଝି ।

## ଯୁବକ ନିଖୋଜ:ଥାନାରେ ଏତଲା

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଡୁମେରଚୁଆଁ ଗ୍ରାମର ଜଣେ ଯୁବକ ନିଖୋଜ ହେଇଥିବା ନେଇ ତାଙ୍କ ବିଧବା ମା' ଥାନାରେ ଏତଲା ଦେଇଛନ୍ତି । ଯୁବକ ଜଣଙ୍କ ହେଉଛନ୍ତି ଡୁମେରଚୁଆଁ ଗ୍ରାମର ମୃତ ହେମନ୍ତ ମାଝୀଙ୍କ ପୁଅ କୁଞ୍ଜ ମାଝୀ (୧୯) ଓ ସୂଚନା ଅନୁସାରେ ଶୁକ୍ରବାର ଦିନରେ ଏକ ବିବାହ ଉତ୍ସବ ତାଙ୍କ ପଡ଼ାରେ ହେଉଥିଲା । କୁଞ୍ଜ ସେ ଦିନ ରାତି ପାଖାପାଖି ୮ଟା ସମୟରେ ମୋବାଇଲରେ କଥା ହୋଇ ଘରୁ ବାହାରିଲା ହେଲେ ସେ ରାତିରେ ଆଉ ଘରକୁ ଫେରିଲା ନାହିଁ । ବିଳମ୍ବ ହେବା ଯୋଗୁ ତାଙ୍କ ପରିବାର ତାଙ୍କ ମୋବାଇଲକୁ ଯୋଗାଯୋଗ କଲେ ହେଲେ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିଲା ଓ ତାପରେ ତାଙ୍କ ପରିବାର ଖୋଜା ଖୋଜି କଲେ ହେଲେ କିଛି ସନ୍ଧାନ ମିଳିଲାନାହିଁ । ପରିଶେଷରେ ନିରାଶ ହୋଇ କଣ୍ଟାବାଞ୍ଜି ଥାନାରେ ଶନିବାର ଦିନ ନିଖୋଜ ଏତଲା ଦେଇଛନ୍ତି । ସେହି ଅଭିଯୋଗ ଆକାରେ କଣ୍ଟାବାଞ୍ଜି ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଛି ।

## ନାବାଳିକା ଅସଦାଚରଣ ମାମଲା, ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ ଓ ଜରିମାନା

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାଶ ଏକ ନାବାଳିକା ଅସଦାଚରଣ ମାମଲାର ବିଚାରଣା କରି ମାମଲାର ପୀଡିତା ଓ ସାକ୍ଷୀଙ୍କ ବୟାନ ଆଧାରରେ ମାମଲାର ଅଭିଯୁକ୍ତ ରୋହିତ ଦିଗାଲକୁ ଦୋଷୀ ସାବ୍ୟସ୍ତ କରି ତାକୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୬ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ, ତାକୁ ଆଉ ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପତି । ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୧ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଆଇନ୍ ସେବା ପ୍ରାଧୀକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ, ଗତ ୨୯-୦୨-୨୦୨୪ରେ ପୀଡିତାଙ୍କ ପରିବାର ପକ୍ଷରୁ ଖଜୁରୀପଡା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା । ଖଜୁରୀପଡା ଥାନା ଅଧିକାରୀ ଅଭିଯୋଗ ଅନୁଯାୟୀ ଏକ ମାମଲା ୨୪/୨୦୨୪ରେ ରୁଜୁ କରି ରୋହିତ ଡିଗାଲକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ସେହି ମାମଲାର ବିଚାରଣା କରି ଉପରୋକ୍ତ ରାୟ ଶୁଣାଇଛନ୍ତି ବିଚାରପତି । ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପୋକ୍ସୋ ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ ।



## କେରଳରେ ନିର୍ଯାତିତ ୧୧ ଓଡ଼ିଆ ଦାଦନ ଶ୍ରମିକ ୬୦ ଦିନ ପରେ ଘରକୁ ଫେରିଲେ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ଲାମତାପୁଟ ବ୍ଲକ ନନ୍ଦପୁର ଥାନା ଅନ୍ତର୍ଗତ ବନମାଳି ପୁଟ ପଞ୍ଚାୟତର ମାଳି କଟକାର ଓ ବଡ଼ କଟକାର ଗ୍ରାମର ୧୧ଜଣ ଶ୍ରମିକ ୬୦ ଦିନ ପରେ ନିଜସ୍ୱ ଉଦ୍ୟମରେ ଘରକୁ ଫେରିଛନ୍ତି । ସୂଚନା ଅନୁସାରେ ଗତ ୨୨/୦୪/୨୫ରେ ଏହି ଦୁଇ ଗ୍ରାମର ୧୧ ଜଣ ଶ୍ରମିକ ସୁଦୂର କେରଳ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ବେଳେ ସେଠାରେ ଜଣେ ଶ୍ରମିକ ଡମ୍ବୁ ଭୋଇର ମୃତ୍ୟୁ ହୋଇଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହି ଘଟଣାରେ କେରଳ ପୋଲିସ ସନ୍ଦେହରେ ଅନ୍ୟ ଆଠ ଜଣଙ୍କୁ ଅଟକ ରଖିଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇଜଣ ସେଠାରୁ କୌଣସି ମତେ ନିଜ ରାଜ୍ୟକୁ ଫେରିଆସିଥିଲେ । ହେଲେ ସେଠାରେ ରହିଯାଇଥିବା ୮ ଜଣ ଶ୍ରମିକ ଦୀର୍ଘ ୬୦ ଦିନ ପରେ ଗତ ରବିବାର ରାତ୍ର ଉପସ୍ଥିତି ବୁଦ୍ଧି ଖଟାଇ ନିଜସ୍ୱ ଉଦ୍ୟମରେ ନିଜ ଗ୍ରାମକୁ ଫେରିଛନ୍ତି । ସାଥିରେ ଯାଇଥିବା ଶ୍ରମିକଙ୍କ କେରଳରେ ମୃତ୍ୟୁ ନେଇ ବ୍ୟଥିତ ଥିବା ପରିପ୍ରକାଶ ମଧ୍ୟ କରିଛନ୍ତି । ଶ୍ରମିକ ଡମ୍ବୁର ସନ୍ଦେହସ୍ପଦ ମୃତ୍ୟୁ ପରେ ତାକୁ ନିଜ ଗ୍ରାମକୁ ଅଣାଯାଇ ନପରିବାରୁ ସେଠାକାର ପୋଲିସ ସେହିଠାରେ ହିଁ ତାର ଅନ୍ତିମ ସଂସ୍କାର କରିଥିଲେ । ସନ୍ଦେହରେ ଅନ୍ୟ ଦଶ ଜଣ ଶ୍ରମିକଙ୍କ ମୋବାଇଲ ଫୋନ୍‌କୁ କେରଳ ପୋଲିସ ଜବତ କରିବା ସହ ତାଙ୍କ ଉପରେ କଡା ନଜର ରଖିଥିଲା । ଏହି ଖବର ପରିବାର ଲୋକେ ପାଇବା ପରେ ନିଜ ନିଜ ଲୋକଙ୍କୁ ଫେରାଇ ଆଣିବାକୁ ଗତ ୯/୦୬/୨୫ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରେରଣ କରିଥିଲେ । ଶେଷରେ କେରଳ ପୋଲିସ ସେମାନଙ୍କ ମୋବାଇଲ ଫେରାଇବା ପରେ ଏବଂ ପୋଲିସର ସହମତି କ୍ରମେ ନିଜସ୍ୱ ଉଦ୍ୟମରେ ନିଜ ଗ୍ରାମକୁ ଫେରିଆସିଥିବା ସେମାନେ ପ୍ରକାଶ କରିଛନ୍ତି ।



## ଉତ୍କଳ ଆଲୁମିନା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଟିକିରୀ ଅଧୀନ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରୀଜ୍ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ତରଫରୁ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହର ସହ ପାଳିତ ହୋଇଛି । କମ୍ପାନୀ ଉଭୟ ନୂଆପଡ଼ା ଓ ଓଷାପଡ଼ା ସ୍ଥିତ ଟାଉନସିପ୍ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଯୋଗ ପ୍ରଶିକ୍ଷକ ଅନିକେତ ଯୋଷୀ ଏବଂ ଅନିଶା ଉଭୟ ଉପସ୍ଥିତ ରହି ଯୋଗାସନ ପ୍ରାଣାୟାମ ଇତ୍ୟାଦି ଆସନ ଅଭ୍ୟାସ କରିବା ସହିତ ଶିବିରରେ ଅଂଶଗ୍ରହକାରୀଙ୍କୁ ଏହାର ଉପଦୟତା ସମ୍ପର୍କରେ ବୁଝାଇଥିଲେ । ଚଳିତ ବର୍ଷ ଆନ୍ତର୍ଜାତୀୟ ଯୋଗ ଦିବସ ବିଷୟବସ୍ତୁ 'ଏକ ସ୍ୱାସ୍ଥ୍ୟ ଓ ପୃଥିବି ପାଇଁ ଯୋଗ' ସମ୍ପର୍କରେ ଯୋଗ ପ୍ରଶିକ୍ଷକ ଶିବିରରେ ଆଲୋକପାତ କରିଥିଲେ । ଉଭୟ ଟାଉନ୍‌ସିପ୍‌ରେ ଆୟୋଜିତ ଏହି ଯୋଗ ଶିବରରେ ୪୦୦ରୁ ଉର୍ଦ୍ଧ୍ୱ କମ୍ପାନୀ କର୍ମଚାରୀ ଯୋଗଦେଇ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଇତ୍ୟାଦି ଆସନ କରିଥିଲେ । ଏହି ଅବସରରେ ଏଫ୍ ଏଚ୍ ଅପରେସନ୍ ଉତ୍ତମ ଗିରି, ଏଫ୍‌ଏଚ୍ ଟେକ୍ନିକାଲ୍ ପୌଲ୍ ଗୁପ୍ତା, ଏଫେଚ ସୁରକ୍ଷା; ବିଶ୍ୱଜିତ୍ ଜୋଓ୍ୱାରଦାର ଓ ସୁରକ୍ଷା ଏବଂ ଆଡମିନ୍ ବିଭାଗ ମୁଖ୍ୟ ପରମଜିତ ବଜବା ଉପସ୍ଥିତ ରହି ଯୋଗାସନ ଏବଂ ପ୍ରାଣାୟମ କରିଛନ୍ତି । ସେହିପରି ଉତ୍କଳ ଆଲୁମିନା କମ୍ପାନୀ, ବାଫ୍ଲିମାଳି ଖଣି ପକ୍ଷରୁ ଅନୁରୂପ ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ ମହାଡମ୍ବରରେ ପାଳିତ ହୋଇଛି ।

## କନ୍ୟା ସନ୍ତାନ ଜନ୍ମ ଦେବାର ୧୦ ଦିନ ପରେ ମା'ର ମୃତ୍ୟୁ

# ଶାଶୂଘର ଲୋକେ ନିର୍ଯାତନା ଦେଇ ମାରିଦେଇଥିବା ଅଭିଯୋଗ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପୌରପାଳିକା ମ୍ୟୁନିସିପାଲଟି ଘଟିଥିବା ଉକ୍ତ ଘଟଣାଟି ଶିଶୁ କନ୍ୟା ହେବାର ୫ ଦିନ ବିତିଯାଇଥିଲେ ମଧ ଝିଅ ପରିବାର ପକ୍ଷରୁ ନ୍ୟାୟ ନପାଇବାରୁ ସୋମବାର ଦିନ ଦଶଟାଟା ସମୟରେ ଶତାଧିକ ମହିଳା ଓ ପୁରୁଷଙ୍କୁ ନେଇ ବିଜେପି ପକ୍ଷରୁ ଜଳେଶ୍ୱର ମ୍ୟୁନିସିପାଲଟି ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଛି । ସୂଚନା ଅନୁଯାୟୀ ଗତ ବୁଧୁବାର ଦିନ ପଥରପୁରା ଗ୍ରାମର ୧୦ ଦିନର ପ୍ରସୂତି ମହିଳାକୁ ଶାଶୂ ଘର ଲୋକ ଝିଅ ଜନ୍ମ ହୋଇଥିବାରୁ ନିର୍ଯାତନା ଦେବା ସହିତ ମାରିଦେଇ ଆତ୍ମହତ୍ୟାର ରୂପ ଦେଇଥିଲେ । ଝିଅ ବାପଘର ପରିବାର ପକ୍ଷରୁ ଶାଶୂ ଘର ଲୋକ ନିର୍ଯାତନା ଦେଇ ମୋ ଝିଅକୁ ମାରି ଦେଇଥିବା ଅଭିଯୋଗ ପରେ ପୋଲିସ ତିନି ଜଣକୁ ଗିରଫ କରିଛି । ହେଲେ ଘଟଣାରେ ଜଡିତ ମୃତକର ଶାଶୂ ତଥା ମ୍ୟୁନିସିପାଲଟି ଉପାଧ୍ୟକ୍ଷା ପୁଷ୍ପ ପ୍ରିୟା କାମିଲାକୁ ବର୍ତମାନ ପର୍ଯ୍ୟନ୍ତ ଗିରଫ କରାଯାଇ ନଥିବାରୁ ବିଜେପି ପକ୍ଷରୁ ବିକ୍ଷୋଭ କରାଯାଇଛି । ତେବେ ଘଟଣାକୁ ଗୁରୁତର ସହ ନେଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୫।୬।୨୦୨୫, ଆଷାଢ଼ ଦି୧୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୦୯।୪୮** **ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା-** ଦିଘ ୪।୦୧ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ଦିଘ ୧୦।୪୧ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୪।୦୧ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୫୨ ଗତେ ଘ ୮।୩୧ ମଧ୍ୟେ ଦିଘ ୨।୦୧ ଗତେ ଘ ୫।୩୨ ମଧ୍ୟେ । **ପର୍ବୋତ୍ସବ-** ଆଷାଢ଼ ଅମାବାସ୍ୟା ।

**ମେଷ:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ପରୋପକାରରେ ନିୟୋଜିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ । ଦେହ ଭଲ ରହିବ ।

**ବୃଷ:** ଆଜି ଆପଣ ପରାଧୀନ ଭାବେ ଜୀବନ ଯାପନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ଉପକୃତ ହେବେ । ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ ।

**ମିଥୁନ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଭୋଜନରେ ଆପ୍ୟାୟିତ ହେବେ । ଶୁଭ ଖବର ପାଇବେ । ରୋଜଗାରରେ ଉନ୍ନତି ହେବ । ପାରିବାରିକ ସୁଖ ଶାନ୍ତି ଲାଭ ହେବ । ମହିଳାମାନେ ସୁଖୀ ହେବେ ।

**କର୍କଟ:** ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । କର୍ମକ୍ଷେତ୍ରରେ ଚିନ୍ତିତ ରହିବେ । ବନ୍ଧୁଙ୍କ ସ୍ୱଭାବ ମନରେ ସନ୍ଦେହ ଜାତ କରିବ । ପାରିବାରିକ ଜଞ୍ଜାଳ ସୃଷ୍ଟି ହେବାର ସମ୍ଭାବନା । ମନରେ ବିରକ୍ତି ଭାବ ଜାଗ୍ରତ ହେବ ।

**ସିଂହ:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ସମସ୍ତ କାର୍ଯ୍ୟ ଆପଣଙ୍କର ସଫଳ ହେବ । ମନ ସର୍ବଦା ପ୍ରଫୁଲ୍ଲ ରହିବ । ଦୂରଯାତ୍ରା କରି ସୁଫଳତା ପ୍ରାପ୍ତ ହେବ । ଗୃହରେ ଶାନ୍ତି ଅବ୍ୟାହତ ରହିବ ।

**କନ୍ୟା:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଭଲରେ କଟିବନାହିଁ । ଏଣୁ ସାବଧାନ ରହିବେ । ଯାନବାହାନ ପ୍ରତି ସତର୍କତା ଅବଲମ୍ବନୀୟ । ଖର୍ଚ୍ଚର ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ମତାନ୍ତର ଦେଖାଦେବାର ସୂଚନା ।

**ତୁଳା:** ସେବା ପୂଜାରେ ଦିନଟି କଟିବ । ଅପ୍ରିୟ ସତ କହି ବିରୋଧି ହେବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଆୟର ପରିମାଣ ସ୍ଥିର ରହିବ । ଗୃହେ ଆନନ୍ଦ ଲାଭ କରିବେ । ଦେହ ଓ ମନ ଭଲ ରହିବ ।

**ବିଛା:** ଶାରୀରିକ ପୀଡ଼ା ଦେଖାଦେବ । ନୂତନ କାର୍ଯ୍ୟ ନିମନ୍ତେ ତତ୍ପର ହେବେ । ମନରେ ଚିନ୍ତା ଲାଗି ରହିବ । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ । ପାରିବାରିକ ଅଶାନ୍ତି ସୃଷ୍ଟି ହେବ । ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହେବ ।

**ଧନୁ:** ବନ୍ଧୁଙ୍କ ସହିତ ସହଯୋଗ ମିଳିବ । ବ୍ୟବସାୟ ମଧ୍ୟମ ଧରଣର ହେବ । ରୋଜଗାର ଭଲ ହେବ । ମଧ୍ୟାହ୍ନେ ଟେନ୍‌ସନ୍ ଦେଖାଦେବ । ଗୃହେ ଶାନ୍ତି ଶୃଙ୍ଖଳା ରହିବ । ଉତ୍ତମ ଭୋଜନ ମିଳିବ ।

**ମକର:** କ୍ରୋଧର ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା । ମହିଳାମାନେ ସୁଖୀ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଉତ୍ତମ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।

**କୁମ୍ଭ:** କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସହ ମତାନ୍ତର ଦେଖାଦେବ । ଦ୍ରବ୍ୟ ନଷ୍ଟ ହେବାର ଯୋଗ । ଗୃହରେ କଳହ ସୃଷ୍ଟି ହୋଇପାରେ । ପିଲାମାନଙ୍କ ପାଇଁ ଆନନ୍ଦ ଅନୁଭବ କରିବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।

**ମୀନ:** ପାରିବାରିକ କଳହ ସୃଷ୍ଟି ହୋଇପାରେ । ଅନେକ କ୍ଷେତ୍ରରେ ବିଜୟୀ ହେବେ । ଠକାମିରେ ପଡ଼ିପାରନ୍ତି । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଠାରୁ ବ୍ୟୟର ପରିମାଣ ସମାନ ରହିବ । ବ୍ୟବସାୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୬।୬।୨୦୨୫, ଆଷାଢ଼ ଦି୧୨ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୧୦।୦୩** **ଚନ୍ଦ୍ରୋଦୟ- ପ୍ରାଘ ୫।୪୨।୦୮**

**ପ୍ରତିପଦ-** ଦିଘ ୧।୨୫ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ଦିଘ ୮।୪୭ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ରାଘ ୧।୪୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । ରାଘ ୧।୪୦ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । ରାଘ ୧।୪୦ ମଧ୍ୟେ । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୧।୨୫ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୪ ଗତେ ଘ ୬।୦୭ ମଧ୍ୟେ । ଦିଘ ୯।୩୮ ଗତେ ଘ ୧୧।୨୩ ମଧ୍ୟେ । **ପର୍ବୋତ୍ସବ-** ନେତ୍ରୋତ୍ସବ, ଶ୍ରୀକ୍ଷେତ୍ରେ ନବଯୌବନ ଦର୍ଶନ, ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତର ଚାଉଳ ଉପରେ ପ୍ରଭାବ

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦର ପ୍ରଭାବ ଏବେ ଭାରତର ବାସୁମତୀ ଚାଉଳ ଶିଳ୍ପ ଉପରେ ଦେଖାଯାଉଛି। ଇରାନକୁ ପଠାଯିବାକୁ ଥିବା ପ୍ରାୟ ୧ ଲକ୍ଷ ଟନ୍ ବାସୁମତୀ ଚାଉଳ ଗୁଜୁରାଟର କାଣ୍ଡଲା ଏବଂ ମୁନ୍ଦ୍ରା ବନ୍ଦରରେ ଫସି ରହିଛି। କାରଣ ଇରାନ ପାଇଁ ନା ପରିବହନ ଜାହାଜ ଉପଲବ୍ଧ ଅଛି ନା ବୀମା କମ୍ପାନୀଗୁଡ଼ିକ ସେହି ପରିବହନକୁ କଭର କରୁଛନ୍ତି। ସାଉଦି ଆରବ ଭାରତରୁ ବାସୁମତୀ ଚାଉଳ ଆମଦାନୀ କରିବା କ୍ଷେତ୍ରରେ ସବୁଠାରୁ ବଡ଼ ଗ୍ରାହକ ହୋଇଥିବା ବେଳେ ଇରାନ ଦ୍ୱିତୀୟ ସ୍ଥାନରେ ଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ମାର୍ଚ୍ଚ ସୁଦ୍ଧା, ଭାରତ ଇରାନକୁ ପ୍ରାୟ ୧୦ ଲକ୍ଷ ଟନ୍ ବାସୁମତୀ ଚାଉଳ ରପ୍ତାନି କରିଥିଲା। ଏଥିମଧ୍ୟରୁ, ବର୍ତ୍ତମାନ ୧୮-୨୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୧ ଲକ୍ଷ ଟନ୍ ଚାଉଳ ବନ୍ଦରଗୁଡ଼ିକରେ ଫସି ରହିଛି। ପିଟିଆଇରେ ଦେଇଥିବା ଏକ ସାକ୍ଷାତକାରରେ ଅଲ୍ ଇଣ୍ଡିଆ ରାଇସ୍ ଏକ୍ସପୋର୍ଟର୍ସ ଆସୋସିଏସନ୍‌ର ସଭାପତି ସତୀଶ ଗୋୟଲ୍ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିରେ, ଏହା ବ୍ୟବସାୟୀମାନଙ୍କ ପାଇଁ ଏକ ବଡ଼ କ୍ଷତି ହୋଇପାରେ। ସତୀଶ ଗୋୟଲ ପିଟିଆଇକୁ କହିଛନ୍ତି ଯେ ବର୍ତ୍ତମାନ ଇରାନ ପାଇଁ କୌଣସି ଜାହାଜ ଉପଲବ୍ଧ ନାହିଁ ଏବଂ ବୀମା କଭରେଜ୍ ମଧ୍ୟ ଉପଲବ୍ଧ ନାହିଁ। ପ୍ରକୃତରେ, ଯୁଦ୍ଧ ପରି ପରିସ୍ଥିତିରେ ଅନ୍ତର୍ଜାତୀୟ ବୀମା ପଲିସିଗୁଡ଼ିକ କଭରେଜ୍ ପ୍ରଦାନ କରୁ ନାହିଁ ଏବଂ ଏହି କାରଣରୁ ବ୍ୟବସାୟୀମାନଙ୍କୁ ଚାଉଳ ପଠାଯିବାକୁ ଅନୁମତି ଦିଆଯାଉନାହିଁ। ଏବେ କେବଳ ଚାଉଳ ଅଟକି ଯାଇଛି ତାହା ନୁହେଁ, ବରଂ ଦେୟ ଅନିଶ୍ଚିତତା ମଧ୍ୟ ବୃଦ୍ଧି ପାଇଛି। ଏହି ପରିସ୍ଥିତିର ପ୍ରଭାବ ଘରୋଇ ବଜାର ଉପରେ ମଧ୍ୟ ଦେଖାଯାଉଛି। ବାସୁମତୀ ଚାଉଳର ମୂଲ୍ୟ କିଲୋ ପିଛା ୪ ରୁ ୫ ଟଙ୍କା ହ୍ରାସ ପାଇଛି। ଯେହେତୁ ଚାଉଳ ବିଦେଶକୁ ଯାଉନାହିଁ, ତେଣୁ ସ୍ଥାନୀୟ ଯୋଗାଣ ବୃଦ୍ଧି ପାଇଛି ଏବଂ ଏହା ଯୋଗୁଁ ମୂଲ୍ୟ ହ୍ରାସ ପାଉଛି। ବ୍ୟବସାୟୀମାନେ ଭୟ କରୁଛନ୍ତି ଯେ ଯଦି ଶୀଘ୍ର ସମାଧାନ ନ ମିଳେ, ତେବେ ସେମାନଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିପାରେ, ବିଶେଷକରି ଯେଉଁ ବ୍ୟବସାୟୀମାନେ ଇରାନ ସହିତ ଚୁକ୍ତି ଚୂଡ଼ାନ୍ତ କରିସାରିଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ବିଚାର କରି, ଅଖିଳ ଭାରତୀୟ ଚାଉଳ ରପ୍ତାନିକାରୀ ସଂଘ ଏପିଇଡିଏ ଏବଂ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ସହିତ ନିରନ୍ତର ଯୋଗାଯୋଗରେ ଅଛି। ଏହି ପ୍ରସଙ୍ଗରେ ଜୁନ୍ ୩୦ ତାରିଖରେ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହ ଏକ ବୈଠକ ପ୍ରସ୍ତାବିତ ହୋଇଛି। ଏହି ବୈଠକରେ କେବଳ ବର୍ତ୍ତମାନର ସଙ୍କଟ ଉପରେ ଆଲୋଚନା ହେବ ନାହିଁ, ବରଂ ଭବିଷ୍ୟତରେ ଏପରି ପରିସ୍ଥିତିକୁ ରୋକିବା ପାଇଁ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରାଯାଇପାରେ।

କେବଳ ୨୦୨୪-୨୫ରେ ଭାରତ ପ୍ରାୟ ୬୦ ଲକ୍ଷ ଟନ୍ ବାସୁମତୀ ଚାଉଳ ରପ୍ତାନି କରିଛି, ଯାହା ମଧ୍ୟରୁ ଏକ ବଡ଼ ଅଂଶ ମଧ୍ୟପ୍ରାଚ୍ୟ ଏବଂ ପଶ୍ଚିମ ଏସିଆର ଦେଶଗୁଡ଼ିକୁ ଯାଇଛି। ପ୍ରମୁଖ ଗ୍ରାହକ ଦେଶଗୁଡ଼ିକ ମଧ୍ୟରେ ସାଉଦି ଆରବ, ଇରାନ, ଇରାକ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଆମେରିକା ରହିଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଯୁଦ୍ଧର ନିଆଁ କେବଳ ସୀମା ପର୍ଯ୍ୟନ୍ତ ପହଞ୍ଚେ ନାହିଁ, ବରଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରେ। ଭାରତର ବାସୁମତୀ ଚାଉଳ ରପ୍ତାନିକାରୀମାନେ ଏହି ସମୟରେ ଦ୍ୱିଗୁଣିତ ଆଘାତର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ପରିବହନ ଏବଂ ବୀମା ସମସ୍ୟା ରହିଛି, ଅନ୍ୟପଟେ ଘରୋଇ ବଜାରରେ ମୂଲ୍ୟ ହ୍ରାସ ଏବଂ ଦେୟ ସଙ୍କଟ ରହିଛି। ଯଦି ଆଗାମୀ ସପ୍ତାହଗୁଡ଼ିକରେ ପରିସ୍ଥିତିରେ ଉନ୍ନତି ନହୁଏ, ତେବେ ଭାରତର ଚାଉଳ ଶିଳ୍ପ ଉପରେ ଦୀର୍ଘକାଳୀନ ପ୍ରଭାବ ପଡ଼ିପାରେ।

# ଯଜ୍ଞୋପବୀତ ଧାରଣ- ଏକ ସଂସ୍କାର



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଗୁଣ ଓ କର୍ମକୁ ନେଇ ସମାଜ ବିଭାଜନ ସୃଷ୍ଟି ହୋଇଥିବାବେଳେ ଯେ ଯେଉଁ କର୍ମ ସହିତ ସମ୍ପୃକ୍ତ ବା ସମର୍ପିତ ହୋଇଥାଏ ସେ ସେହି କାର୍ଯ୍ୟ ପ୍ରତି ସଂକଳ୍ପବଦ୍ଧ ହୋଇ ସେହି କାର୍ଯ୍ୟକୁ ଆଗେଇ ନିଏ। ଅପରପକ୍ଷରେ ଏହାକୁ ହିଁ ଦୃଢ଼ ବ୍ରତ କହିଥାନ୍ତି। ଏହି ଦୃଢ଼ ନିଷ୍ଠା ବା ସଂକଳ୍ପ ନିମନ୍ତେ ଏକ ଯଜ୍ଞାନୁଷ୍ଠାନର ଆବଶ୍ୟକତା ହୁଏ। ଯଜ୍ଞ କୁଣ୍ଡର ଅଗ୍ନି ଦେବଙ୍କୁ ସାକ୍ଷୀ ରଖି ଏହିପରି ଦୃଢ଼ ସଂକଳ୍ପ କରାହୋଇଥାଏ। ଜୀବନର ଏକ ନିଶ୍ଚିତ ଗତିପଥକୁ ଆପଣେଇ ନେବା ପରେ ସେ ଦ୍ୱିଜ ପଦବାଚ୍ୟ ହୋଇଥାଏ। ଦ୍ୱିଜ ଅର୍ଥାତ୍ ଦ୍ୱିତୀୟଥର ଜନ୍ମ ହେବାର ସାଙ୍କେତିକ ଅର୍ଥ। ମାତାଙ୍କ ଗର୍ଭରୁ ଭୂମିଷ୍ଠ ହୋଇ ଶୈଶବ ଅତିକ୍ରମ ପରେ ଜୀବନର ଗତିପଥ ଏକ ନିର୍ଦ୍ଦିଷ୍ଟ ମୋଡ଼ ନେଇଥିବାରୁ ଏପରି ସାଙ୍କେତିକ ଅର୍ଥରେ ଦ୍ୱିଜ ନାମରେ ତାହା ବିବେଚିତ। ବିଶେଷତଃ ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କ ସମାଜରେ ଏହା ଏବେବି ପ୍ରଚଳିତ। ଏପରି ଯଜ୍ଞାନୁଷ୍ଠାନମାନ କରି ପିତାମାତା ସନ୍ତାନମାନଙ୍କୁ ପବିତ୍ର ଯଜ୍ଞସୂତ୍ର ଦେଇଦେବା ପରେ ସେମାନେ ନିଜର କୌଳିକ କାର୍ଯ୍ୟ ସାରିଦେଇଥିବାରୁ ଆତ୍ମତୃପ୍ତି ନେଇଥାନ୍ତି। ଯେଉଁମାନେ ଏପରି ଯଜ୍ଞସୂତ୍ର ଧାରଣ କରିଥାନ୍ତି ସେମାନେ ଏହାର ଅର୍ଥ ବୁଝି ନଥାନ୍ତି ବା ଯେଉଁମାନଙ୍କ ଦ୍ୱାରା ତାହା ପ୍ରଦତ୍ତ ହେଲା ତାହା ସେମାନେ ବୁଝାଇ ନଥାନ୍ତି। ଯଜ୍ଞାନୁଷ୍ଠାନରେ ବସି ଅଗ୍ନିକୁ ସାକ୍ଷୀ ରଖି ଜୀବନରେ ଯାହାସବୁ ନକରିବା ପାଇଁ ଯେଉଁ ସଂକଳ୍ପମାନ କରାଯାଇଥାଏ ତାହା ସେମାନେ ଭୁଲି ଯାଇଥାନ୍ତି। ବ୍ରତ ଅନୁଷ୍ଠାନରେ ହିଂସା ନ କରିବା ପାଇଁ ସଂକଳ୍ପ ନିଆଯାଇଥିଲେ ମଧ୍ୟ ଏହି ଉଦ୍ଦେଶ୍ୟରେ ଅନୁଷ୍ଠିତ ଭୋଜି ସଭାରେ ନିମନ୍ତ୍ରିତ ଅତିଥିମାନଙ୍କୁ ମାଛ ବା ମାଂସରେ ଭୂରିଭୋଜନ ଦିଆଯାଇଥାଏ। ଚମତ୍କାର ଏଭଳି ଯଜ୍ଞାନୁଷ୍ଠାନ ଓ ତା'ର ଆୟୋଜକ। ଏପରିକି ଯଜ୍ଞରେ ପୌରୋହିତ୍ୟ କରିଥିବା ଓ ଯଜମାନଙ୍କୁ ସଂକଳ୍ପବଦ୍ଧ କରାଇଥିବା ବ୍ୟକ୍ତିଟି ଆନନ୍ଦର ସହିତ ଆମିଷ ଭକ୍ଷଣ କରୁଥିବାର ମଧ୍ୟ ଦେଖାଯାଏ। ଯଦି କୌଣସି କର୍ତ୍ତା ତା'ର ଏପରି ଯଜ୍ଞାନୁଷ୍ଠାନ କରିବାରେ ସାତ୍ତ୍ୱିକ ଆହାର ବା ମହାପ୍ରସାଦର ବ୍ୟବସ୍ଥା କରିଥାଏ ତେବେ ପରିବାର ତଥା ବନ୍ଧୁମାନଙ୍କଠାରୁ ସେ ଭର୍ତ୍ସନା ପାଇବାର ବହୁ ଦୃଷ୍ଟାନ୍ତ ରହିଛି। ଯଜ୍ଞୋପବୀତ ବା ଯଜ୍ଞସୂତ୍ର ଧାରଣ କରିଥିବା ବାଳକଟି ପରବର୍ତ୍ତୀ କାଳରେ ଏ ସବୁର ମହତ୍ତ୍ୱ ବୁଝିନଥାଏ। ଦେଖାଯାଏ କେତେକ ବି ତାହା ଧାରଣ କରିନଥାନ୍ତି। ସେ ବୁଝେନାହିଁ ଯେ ଏହି ଯଜ୍ଞୋପବୀତ ଦେବାବେଳେ ତା'ର ପିତାମାତାଙ୍କର ସେହିଦିନ ସବୁଠାରୁ ଖୁସିର ଦିନଥିଲା ଓ ସେହି ଯଜ୍ଞସୂତ୍ର ହିଁ ଯଜ୍ଞରେ ବସି ଶପଥ ନେଇଥିବା ସଂକଳ୍ପ ସବୁର ସାକ୍ଷୀ ଓ ସେହି ସଂକଳ୍ପ ସବୁକୁ ଭୁଲି ନଯିବା ନିମନ୍ତେ ତାହାକୁ ଏହା ଧାରଣ କରିବାକୁ ପଡ଼ିଛି।

ଏହି ଉପବୀତ ଧାରଣ ସମ୍ପର୍କୀୟ ବିଗତ ଦିନର କେତୋଟି କଥା ମନକୁ ଆସିଯାଏ। ଏକଦା ସମାଜବାଦୀ ନେତୃବୃନ୍ଦଙ୍କ ସହିତ ମୋର ବିଶେଷ ସଂପର୍କ ରହିଥିଲା। ସମାଜରେ ସଂସ୍କାର ଆଣିବା ନିମନ୍ତେ ପଇତା ଛାଡ଼, ଯାତକପୋଡ଼ର ସ୍ୱର ଉତ୍ତୋଳନ କେତେକ ସମାଜବାଦୀ ରାଜନୈତିକ ବନ୍ଧୁ ଆରମ୍ଭ କରିଥିଲେ। ସେତେବେଳେ ବିଶ୍ୱନାଥ ପଣ୍ଡିତ ଥିଲେ ଜଣେ ପ୍ରତିଷ୍ଠିତ ସମାଜବାଦୀ ନେତା। ତାଙ୍କର ପୂର୍ବଜମାନେ ଥିଲେ କାଶ୍ମିରୀ ପଣ୍ଡିତ। ଓଡ଼ିଶା ତଥା ବିଶେଷକରି କଟକ ସହରର ବସ୍ତିବାସିନ୍ଦାଙ୍କଠାରୁ ମେହେନ୍ତର ସଂଘ ପର୍ଯ୍ୟନ୍ତ ପ୍ରତ୍ୟେକରେ ସେ କିଛି ନା କିଛି ଦାୟିତ୍ୱରେ ରହି ସେମାନଙ୍କ କାର୍ଯ୍ୟ କରୁଥିଲେ। ବସ୍ତୁତଃ ସେ ଥିଲେ ଜଣେ ସମାଜ ସଂସ୍କାରକ ତଥା ସମାଜସେବୀ। ତାଙ୍କ ମନକୁ କଥାଟି ସମ୍ଭବତଃ ପାଇଲା ନାହିଁ। ସେ ଏପରି ସ୍ୱର ଉତ୍ତୋଳନକାରୀମାନଙ୍କ କଥାକୁ ନାପସନ୍ଦ କରିଥିଲେ। ତାଙ୍କ ମତ ଥିଲା ପଇତା ପକାଇବା ଦିନ ବ୍ରାହ୍ମଣ ପିଲାଟି ଦ୍ୱିଜ ଭାବେ ବିବେଚିତ ହେଉଥିଲା। ଦ୍ୱିତୀୟ ଥର ଜନ୍ମ ହେବାର ସାଙ୍କେତିକ ଅର୍ଥ ଦ୍ୱିଜ ବୋଲି ଆଗରୁ ଆଲୋଚନା ହୋଇଯାଇଛି। ଯେଉଁଦିନ ପିଲାଟି ଦ୍ୱିଜ ଭାବେ ଅଗ୍ନିକୁ ସାକ୍ଷୀ ରଖି ଜୀବନରେ ଯେଉଁ କେତୋଟି ମୂଲ୍ୟବାନ ନୀତି ବା ଆଦର୍ଶରେ ପରିଚାଳିତ ହେବାକୁ ସଂକଳ୍ପ ନେଲା ସେ ଦିନ ତା'ର ପିତାମାତାଙ୍କର ଆନନ୍ଦର ସୀମା ଟପିଯାଇଥାଏ। ସେହି ଆନନ୍ଦରେ ବନ୍ଧୁ ଓ ଜ୍ଞାତିମାନଙ୍କୁ ଡାକି ସେ ଭୋଜି ଦେଇଥାଏ। ସେଥିପାଇଁ ସେମାନଙ୍କୁ କିଛି ଅର୍ଥ ମଧ୍ୟ ଖର୍ଚ୍ଚ କରିବାକୁ ପଡେ। ତେଣୁ ପଇତା ଦେଖିଲେ ପିତାମାତାଙ୍କ କଥା ଓ ତାହା ପାଳନ କରୁନଥିବାରୁ ମନରେ ଆସେ ଅନୁତାପ ଓ ତାହା ହିଁ ସମ୍ଭବତଃ ପ୍ରାୟଶ୍ଚିତ। ଏହିଭଳି ପ୍ରଥା ଅନ୍ୟତ୍ର ଅଛି କି? ଦ୍ୱିତୀୟରେ ଜାତକ ପୋଡ଼ିର ଆଲୋଚନା। ଜାତକରେ ଥାଏ ସଂପୃକ୍ତ ବ୍ୟକ୍ତିର ଜନ୍ମ ସମୟ, ତା'ର ପିତାମାତାଙ୍କର ନାମ। ସର୍ବୋପରି ଜାତିର ଇଷ୍ଟ ଦେବତା ଶ୍ରୀ ଜଗନ୍ନାଥ ଓ ଗଜପତି ମହାରାଜଙ୍କ ନାମ ସହ ତାଙ୍କ ରାଜତ୍ୱର ଅଙ୍କ। ଜାତକ କହିଲେ ସମ୍ପୃକ୍ତ ବ୍ୟକ୍ତିର ତାହା ହେଉଛି ସଂକ୍ଷିପ୍ତ ଇତିହାସ। ସେଥିରେ ଲେଖାଥିବା ଜନ୍ମ ତାରିଖ ଓ ସେ ବେଳର ଗ୍ରହ, ନକ୍ଷତ୍ରକୁ ଗଣନା କରି ଗୋଟିଏ ଲୋକର ଭବିଷ୍ୟତ କ'ଣ ହେବ ତାହା କେତେକ କହିଥାନ୍ତି। କେଉଁଠି ଏପରି ନିର୍ଣ୍ଣୟ ଠିକ୍ ହୋଇଥାଏ ତ କେଉଁଠି ନାହିଁ। ଜ୍ୟୋତିଷ ଶାସ୍ତ୍ର ଉପରେ ପାଣ୍ଡିତ୍ୟ ଥିବା ଲୋକେ ଏହା ଉପରେ ଆଲୋଚନା ବି କରିଥାନ୍ତି। ତେବେ ଏସବୁକୁ ପୋଡ଼ିଦେବାର ଆଦୌ ଯୁକ୍ତି ନାହିଁ ବୋଲି ସେ ମତ ଦେଇଥିଲେ। ଯଦି କେହି ତାହାର ଜାତକକୁ ଅନାଦର କରିଥାଏ ତେବେ ସେ ନିଜକୁ ଗୁରୁତ୍ୱ ଦିଏ ନାହିଁ। ତେଣୁ ଏହାକୁ ଉତ୍ସାହିତ କରିବା ଆଦୌ ରୁଚିକର ନୁହେଁ ବୋଲି ସେ ଯୁକ୍ତି କରୁଥିଲେ। ଆଜି ସେ ମହାତ୍ମା ନାହାନ୍ତି ହୁଏତ କଥାଟି ଏପର୍ଯ୍ୟନ୍ତ ମନେ ଅଛି।

ମୁଁ ବି ବ୍ରାହ୍ମଣକୂଳରେ ଜନ୍ମ ନେଇଛି। ଯଜ୍ଞବେଦିରେ ବସି ଅଗ୍ନି ସମ୍ମୁଖରେ ସଂକଳ୍ପ କରି ଉପବୀତ ଧାରଣ କରିଛି। ସେ ଦିନ ମା' ବାପାଙ୍କ ମନରେ ଆସିଥିଲା ଅପୂର୍ବ ଆନନ୍ଦ। ମାତ୍ର କାର୍ଯ୍ୟତଃ ସେ ସବୁକୁ ମୁଁ ପାଳନ କରୁ ନାହିଁ। ଉପବୀତ ଦେଖିଲେ ମନରେ ବାପା ମାଙ୍କ କଥା ମନେ ପଡ଼ିଯାଉଛି। ମନରେ ଘୋଟି ଆସୁଛି ବିଷାଦର କାଳିମା। ଭଗବାନଙ୍କ ଶ୍ରୀମୁଖ ନିଃସୃତ ଗୀତାର ବ୍ରାହ୍ମଣଟିଏ ମୁଁ ହୋଇପାରିଲି ନାହିଁ। ସଂକଳ୍ପଚ୍ୟୁତ ଅପରାଧୀ ମଣିଷଟିଏ ସମାଜକୁ ଏହାର କି ଉତ୍ତର ଦେବ?

# ବର୍ଷା ଆସିଛି



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଗ୍ରୀଷ୍ମର ଉଷ୍ଣତା ଶେଷରେ ବର୍ଷା ଆସିଛି। ଦୁର୍ବାଦଳ ଶଯ୍ୟାରେ ଭରିଯାଇଛି ସବୁଜିମା। ବୃକ୍ଷଲତାରେ ବାରିଧାରାର ବିପୁଳ ସ୍ପର୍ଶ। ସବୁଜ ପତ୍ରର ସୀମାହୀନ ଶୋଭାଯାତ୍ରା। ମନେପଡୁଛି ପ୍ରସ୍ରବଣ ଶୈଳରେ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅବସ୍ଥାନ କାଳରେ ବର୍ଷାର ଆଗମନ। ଯା'ର ବର୍ଣ୍ଣନା ରହିଛି ଗୋସ୍ୱାମୀ ତୁଳସୀ ଦାସଙ୍କ 'ଶ୍ରୀରାମଚରିତମାନସ' ଗ୍ରନ୍ଥରେ। ବର୍ଷାର ବର୍ଣ୍ଣନା ଦବାକୁ ଯାଇ ତୁଳସୀ ଦାସ ମଣିଷର ଅନ୍ତଃପ୍ରକୃତି ଓ ବହିଃପ୍ରକୃତିର ଏକ ସମାନ୍ତରାଳ ଚିତ୍ର ପ୍ରଦାନ କରିଛନ୍ତି ନିମ୍ନ ପ୍ରକାରେ। "ଆକାଶରେ ମେଘ ଦେଖି ମୟୁରମାନେ ନାଚୁଛନ୍ତି, ଯେମିତି ଭକ୍ତମାନେ ଭବମାୟାକୁ ଉପେକ୍ଷା କରି ନାଚନ୍ତି। ଶୂନ୍ୟମଣ୍ଡଳର ଅମ୍ବୁଦ ମହୀମଣ୍ଡଳର ମାଟି ଆଡ଼କୁ ନଇଁଯାଇ ବର୍ଷିଯାଏ, ଠିକ୍ ଯେମିତି ବିଦ୍ୟା-ସଂପଦ ଅର୍ଜନ କରିଥିବା ଜ୍ଞାନୀମାନେ ନଇଁଯାଆନ୍ତି ଅର୍ଥାତ୍ ନମ୍ର ହୁଅନ୍ତି। ମେଘମାଳାରେ ବିଜୁଳିର ନୃତ୍ୟ ଯେଭଳି କ୍ଷଣସ୍ଥାୟୀ, ଖଳଲୋକଙ୍କ ପ୍ରୀତି ସେଭଳି କ୍ଷଣସ୍ଥାୟୀ। ପର୍ବତଗୁଡ଼ିକ ବର୍ଷାପାତକୁ ସହ୍ୟ କଲାଭଳି ସଜ୍ଜନମାନେ ଖଳଲୋକଙ୍କ ବଚନ ସହ୍ୟ କରନ୍ତି। ବର୍ଷା ହେତୁ ବାଟର ଦୁଇ ପାର୍ଶ୍ୱରେ ଥିବା ଗଛଗୁଡ଼ିକ ଝଙ୍କାଳିଆ ହୋଇଛି, ପତ୍ରର ବିପୁଳ ସମ୍ଭାର, ଶାଖା ପ୍ରଶାଖାଗୁଡ଼ିକ ବାଟ ଆଡ଼କୁ ମାଡ଼ିଆସିଛି, ତେଣୁ ବାଟୋଇ ବେଳେବେଳେ ବାଟ ମଝିରେ ଅଟକିଯାଉଛି। ଠିକ୍ ସେମିତି ମଣିଷର ଦିବ୍ୟଜ୍ଞାନ ଉଦୟ ହେଲେ ବିବେକ ତାକୁ ସମୟ ସମୟରେ ଅଟକାଇଦିଏ, ଅର୍ଥାତ୍ ସେ କେଉଁ କାମଟି କରିବ, କେଉଁ କାମଟି ନକରିବ, ସେଥିପାଇଁ ମାର୍ଗଦର୍ଶନ କରେ। "ନିରବଚ୍ଛିନ୍ନ ବାରିପାତ ହେତୁ ଜଳରାଶି କିଆରି ଲଂଘନ କରି ବହିଯାଉଛି, ଯେମିତି ସ୍ୱେଚ୍ଛାଚାରିଣୀ ନାରୀ ମର୍ଯ୍ୟାଦା ଲଂଘନ କରେ। ନଦୀ ଜଳପୂର୍ଣ୍ଣ ଅଛି, ଜଳସ୍ରୋତର ଆଘାତ ପ୍ରଭାବରେ ତୀରଦେଶସ୍ଥ ବୃକ୍ଷ ଉପୁଡ଼ି ପଡୁଛି ଅର୍ଥାତ୍ ଜଳରାଶିରେ ନିଜକୁ ସମର୍ପି ଦେଉଛି। ଠିକ୍ ଯେମିତି ଲମ୍ପଟର ବଚନ ପ୍ରଭାବରେ ଭ୍ରଷ୍ଟା ନାରୀ ନିଜକୁ ଲମ୍ପଟ ନିକଟରେ ସମର୍ପି ଦିଏ। କିନ୍ତୁ ପର୍ବତ ଯେମିତି ଅଟଳ ରହିଛି, କାମାସକ୍ତ ପୁରୁଷର ଚାଟୁବାଣୀ ଶୁଣି ସୁଦ୍ଧା ସତୀ ନାରୀ ଅଟଳ ରହେ। କୃଷକମାନେ କ୍ଷେତରୁ ବାଲୁଙ୍ଗା ଉପାଡୁଛନ୍ତି, ଯେମିତି ସାଧୁମାନଙ୍କର ଚୈତନ୍ୟ ଉଦୟ ହୋଇଥିବାରୁ ସେମାନେ ଆତ୍ମବର୍ଦ୍ଧିମାର ମୂଳୋତ୍ପାଟନ କରନ୍ତି। "ଗୋଟେ ପୁଷ୍କରିଣୀ ଜଳରେ ବେଙ୍ଗଟିଏ କ୍ରୁର ସର୍ପ କବଳରେ ପଡ଼ି ବିକଳ ହୋଇ ରାବୁଛି, ଅଥଚ ତା' ଆଖି ଆଗରେ ଉଡ଼ିଯାଉଥିବା ଶିଶୁ-କର୍କଟିକୁ ଗିଳିଦେଉଛି। ଠିକ୍ ସେମିତି ମଣିଷମାନେ କାଳ କବଳରେ ପଡ଼ି ଦୁଃଖରେ ଘାରି ହେଉଥିଲେ ବି ଭବଭୋଗ ଲାଳସା ମେଣ୍ଟାଇବାକୁ ମନାସୁଛନ୍ତି। ବର୍ଷାଋତୁ ଉଦ୍ଭିଦମାନଙ୍କର ମିତ୍ର। କିନ୍ତୁ ଜଳ ଗହଳ ହେଲେ ପଦ୍ମଫୁଲ ମରିଯାଏ। ଠିକ୍ ଯେମିତି ମଣିଷ ଅତି ସଂପଦ ଅର୍ଜନ କଲେ ତାହା ତା' ପାଇଁ ବିଷମ ପରିସ୍ଥିତି ସୃଷ୍ଟି କରେ।" ସନ୍ଥ ଶିରୋମଣି ତୁଳସୀ ଦାସ ବର୍ଷାକାଳର ବର୍ଣ୍ଣନା ଦବାକୁ ଯାଇ ଜୀବନ ଓ ଜଗତ୍ ସମ୍ବନ୍ଧୀୟ କି ଅନନ୍ୟ, ଅସାଧାରଣ ଦର୍ଶନ ଆମ ଆଗରେ ଉପସ୍ଥାପନ କରିଛନ୍ତି ସତରେ! ଇଂରେଜ ପଣ୍ଡିତ ହୋରେସ୍ ହେମ୍ୟାନ୍ ଉଇଲ୍‌ସନ୍ ଯେତେବେଳେ କାଳିଦାସଙ୍କ 'ମେଘଦୂତମ୍' ବହିଟିକୁ ପଢ଼ିଲେ, ଆଶ୍ଚର୍ଯ୍ୟଚକିତ ହେଲେ। ମେଘକୁ ଦୂତ ମନେକରି ଏତେ ସୁନ୍ଦର ରଚନା ସମ୍ଭବ ହୋଇପାରେ! ରାମଗିରି ପର୍ବତର ଅଗ୍ରଦେଶକୁ ମେଘମାଳା ସ୍ପର୍ଶ କଲାବେଳେ ମହାକବି କାଳିଦାସଙ୍କ କଳ୍ପନାର ଶକ୍ତି ବହୁଗୁଣିତ ହୋଇଛି, ସତେ ଯେପରି ମହାକାଶରୁ ମାଟିକୁ ଅବତରଣ କରୁଛି, ମାଟିରୁ ମହାକାଶକୁ ଆରୋହଣ କରୁଛି ସେ ଶକ୍ତି ବାରମ୍ବାର ବାରମ୍ବାର ଓ କାଳିଦାସଙ୍କ ଲେଖନୀରେ ସ୍ୱତଃସ୍ଫୂର୍ତ୍ତ ଭାବରେ ସଂଚରି ଯାଉଛି। ମେଘ ଓ ମହାକବି ଉଭୟ ଆକର୍ଷଣ କରିଛନ୍ତି ଉଇଲ୍‌ସନ୍ ସାହେବ୍‌ଙ୍କୁ, ଯିଏ 'ମେଘଦୂତମ୍'ର ଇଂରାଜୀ ଅନୁବାଦ କରିଛନ୍ତି 'ଦି କ୍ଲାଉଡ୍ ମେସେଞ୍ଜର୍' ଶୀର୍ଷକରେ ୧୮୧୩ ମସିହାରେ, ବିଶ୍ୱସାହିତ୍ୟରେ 'ମେଘଦୂତମ୍'ର ପ୍ରଥମ ଅନୁବାଦ। ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର 'ଗୀତାଞ୍ଜଳି' କାବ୍ୟରେ ମେଘକୁ ରଥ ମନେକରିଛନ୍ତି ଯାହାର ଧ୍ୱନିକୁ ତାଙ୍କ ଅନ୍ତଃପୁରୁଷ ସ୍ୱାଗତ କରିଛି। କବି ରାଧାମୋହନ ଗଡ଼ନାୟକଙ୍କ 'ମାଟିର ମଣିଷ' କବିତାରେ ବର୍ଷାର ଆଗମନରେ 'ଜଳ-ବର୍ଷିତ ହଳ-କର୍ଷିତ ଜମିର ସୁରଭି ବାସ'ରେ ବିଭୋର ହୁଅନ୍ତି ପାଠକମାନେ। ଦିନେ ଇଂଲଣ୍ଡର କବି ଉଇଲିୟମ୍ ୱାର୍ଡ଼ସ୍‌ୱାର୍ଥ୍ ଚାଲିଚାଲି ଗଲାବେଳେ ଉପରକୁ ଚାହିଁ ଦେଖିଲେ, ପାହାଡ଼ ଓ ଉପତ୍ୟକାର ବହୁ ଊର୍ଦ୍ଧ୍ୱରେ ମହାକାଶରେ ଖଣ୍ଡେ ମେଘ (ବାଦଲ) ନିଃସଙ୍ଗ ହୋଇ ଭାସୁଛି, ଠିକ୍ ଯେମିତି ସେ ନିଜେ ମାଟି ଉପରେ ନିଃସଙ୍ଗ ହୋଇ ଚାଲୁଛନ୍ତି। ହଠାତ୍ ସେ ଦେଖିଲେ ଗୋଟେ ହ୍ରଦର ଜଳତରଙ୍ଗ ମୃଦୁମନ୍ଦ ସମୀରଣର ପ୍ରଭାବରେ ନୃତ୍ୟରତ ଆଉ ହ୍ରଦ କୂଳେ କୂଳେ ଫୁଟିଛି ସୁନ୍ଦର ଫୁଲଗୁଡ଼ିକ, କଳ୍ପନା କଲେ ଫୁଲମାନଙ୍କର ସଂଖ୍ୟା ଦଶହଜାର ହେବ। ପାଠକମାନଙ୍କୁ ବୋଧହୁଏ ସତେ ଯେପରି ୱାର୍ଡ଼ସ୍‌ୱାର୍ଥ୍‌ଙ୍କର ଏପରି କଳ୍ପନାପ୍ରବଣତା ଉତ୍ତରିତ ଉତ୍ତୋଳିତ ହୋଇଛି ହ୍ରଦର ଜଳରାଶିରୁ ମେଘଖଣ୍ଡ ପର୍ଯ୍ୟନ୍ତ। ଆମେରିକାର କବି ୱାଲ୍ଟ ହ୍ୱିଟ୍‌ମ୍ୟାନ୍‌ଙ୍କ 'ଦି ଭଏସ୍ ଅଫ୍ ଦି ରେନ୍' (ବର୍ଷାର ସ୍ୱର) କବିତାରେ କବି ବର୍ଷାକୁ ପଚାରିଛନ୍ତି ପ୍ରଶ୍ନଟିଏ, 'ତୁମେ କିଏ?' ବର୍ଷା ଯାହା ଉତ୍ତର ଦେଇଛି, ତା'ର ମର୍ମାନୁବାଦ ହେବ ଏହିପରି, 'ମୁଁ ପୃଥିବୀର କବିତା। ଗ୍ରୀଷ୍ମଦିନରେ ଜଳାଶୟଗୁଡ଼ିକର ଜଳ ବାଷ୍ପ ହୋଇ ଆକାଶକୁ ଉଠିଯାଏ। ଜଳୀୟବାଷ୍ପ କ୍ରମଶଃ ବାଦଲରେ ପରିଣତ ହୁଏ। ବାଦଲ ଘନୀଭୂତ ହୋଇ ବର୍ଷା ହୁଏ। ଫଳରେ ଜଳ ଫେରିଆସେ ତା'ର ମୂଳସ୍ଥାନ ଜଳାଶୟକୁ। ମୁଁ ବର୍ଷା। ମୁଁ ଅବତରଣ କରେ ମହାକାଶରୁ ମାଟିକୁ, ଶୁଷ୍କ ଭୂମିକୁ ଆର୍ଦ୍ର କରେ, ଧୂଳିକୁ ଧୌତ କରେ, ମଂଜିରୁ ଅଙ୍କୁରୋଦ୍‌ଗମ କରେ, ପୃଥିବୀକୁ ନିର୍ମଳ, ସୁନ୍ଦର କରେ। ଯେମିତି କବିର ହୃଦୟରେ ସଙ୍ଗୀତର ସୃଷ୍ଟି ହୁଏ, ତାକୁ କିଏ ଶୁଣୁ କି ନଶୁଣୁ ସିଏ ପୁଣି ଫେରିଆସେ କବି-ହୃଦୟକୁ, ଠିକ୍ ସେମିତି ମୁଁ ବର୍ଷା। ମୁଁ ଆରୋହଣ କରେ ମାଟିରୁ ମହାକାଶକୁ, ପୁଣି ଅବତରଣ କରେ ମହାକାଶରୁ ମାଟିକୁ, ଫେରିଆସେ ମୋର ମୂଳଭୂମିକୁ, ଉତ୍ସକୁ, ମୁଁ କବି-ହୃଦୟର ସଙ୍ଗୀତ, ପୃଥିବୀର କବିତା। ମୁଁ ବର୍ଷା।'



ଶ୍ରୀମଦ୍ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

ପଞ୍ଚମ ଅଧ୍ୟାୟ
(ମଉନେ ଦେବତା କୁହ-ବୃତ୍ତେ)

ପଞ୍ଚମେ ପଣ୍ଡୁ ନନ୍ଦନ,
ସନ୍ଦେହ ମାନସେ ଶ୍ରୀକୃଷ୍ଣଙ୍କ ପାଶେ
ପୁଣି କରିଲେ ପ୍ରଶନ ।ପଦ।
ଯେ କର୍ମ-ସନ୍ନ୍ୟାସ ଜ୍ଞାନର ବିଶେଷ
ପ୍ରଶଂସା କରିଲ ହୋଇଣ ହରଷ,
ଏ ବେନି ମଧ୍ୟରେ କେବା ମୋ ପକ୍ଷରେ
ହୋଇବ ହିତ କାରଣ ?
କହନ୍ତୁ ହେ ନାରାୟଣ,
ବୁଝି ସବୁ ତଥ୍ୟ ନ ହୋଇଣ ବ୍ୟସ୍ତ
କରିବି ସେ ଆଚରଣ ।୧।
ଅର୍ଜ୍ଜୁନର ଗିର ଶୁଣି ରଙ୍ଗାଧର
ବୋଲନ୍ତିରେ ବୀର ନ ହୁଅ ଅଧୀର ।
ସନ୍ନ୍ୟାସର ଅର୍ଥ ଜ୍ଞାନ କର୍ମଟି ନିଷ୍କାମ କର୍ମ,
ଦୁଇଗୋଟି କଥା ଅଟେ ଏକ ପନ୍ଥା
ଜ୍ଞାନୀମାନେ ଏହା ଜାଣ, ଅଜ୍ଞାନ ମଣନ୍ତି ଭିନ୍ନ
ସୁମନେ ଶୁଣ ଅର୍ଜ୍ଜୁନ ।୨।
ନବଦ୍ୱାର ଦେହ ରୂପୀ ନଗରରେ,
ସଂକଳପ ତେଜି ମାତି ଯା କାମରେ ।
ଶୁଦ୍ଧ ହେବୁ ଦିନୁ ଦିନ ନ ଭୋଗିବୁ ପାପ ପୂଣ୍ୟ,
ଜଡ଼ ପରି ତୁହି ନିମିତ୍ତଟି ହୋଇ
ସରବେ ଦେଖ ସମାନ ଲଭି ବ୍ରହ୍ମଦର୍ଶୀ ଜ୍ଞାନ
ହୁଅ ତୁ ନିର୍ମଳ ମନ, ସୁମନେ ଶୁଣ ଅର୍ଜ୍ଜୁନ ।୩।
(କ୍ରମଶଃ)

# ଓବିସି ରାଜନୀତି



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଓଡିଶାରେ ହଠାତ୍ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କୁ ନେଇ ରାଜନୈତିକ ମଇଦାନ ଚଳଚଞ୍ଚଳ ହୋଇଉଠିଛି। ବିଜେପି, ବିଜେଡି, କଂଗ୍ରେସ ସହିତ ଅନେକ ରାଜନୈତିକ ଦଳ ହଠାତ୍ ଓବିସି/ଏସଇବିସି ଦରଦୀ ହୋଇଯିବା ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଶାସକ ଦଳ ଉଚ୍ଚଶିକ୍ଷା କ୍ଷେତ୍ରରେ ଏମାନଙ୍କୁ ଚାକିରି ତୁଲ୍ୟ ୧୧.୨୫% ସଂରକ୍ଷଣ ସୁବିଧା ପ୍ରଦାନ କରିବାର ଅଭିପ୍ରାୟ ରଖିଥିଲା। ଅନ୍ୟ ଦୁଇ ପ୍ରମୁଖ ଦଳ ବିଜେଡି ଓ କଂଗ୍ରେସ ଏହାକୁ ପ୍ରତିହତ କରିବା ପାଇଁ ଆଗେଇ ଆସିଛନ୍ତି। ସେମାନେ ଏହାକୁ ଏକ ଚାଲ ଓ ଅସମ୍ପୂର୍ଣ୍ଣ ସଂରକ୍ଷଣ ବୋଲି ଦର୍ଶାଇଛନ୍ତି। ଏଥିରେ ମେଡିକାଲ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କରେ ସଂରକ୍ଷଣ ଦିଆଯାଇ ନଥିବା ଦର୍ଶାଇ ବିଜେପିକୁ ଘେରିବାକୁ ଚେଷ୍ଟା କରିଛନ୍ତି। ଏହା ସହିତ ସରକାରଙ୍କର ଓବିସି/ଏସଇବିସିଙ୍କ ପ୍ରତି ଦରଦ ଥିଲେ ମଣ୍ଡଳ କମିଶନଙ୍କ ସୁପାରିଶ ମୁତାବକ ୨୭% ସଂରକ୍ଷଣ ସୁବିଧା ଚାକିରି ଓ ଶିକ୍ଷା କ୍ଷେତ୍ରରେ ଦେବାକୁ ଦାବୀ କରୁଛନ୍ତି। ବିରୋଧୀଙ୍କ ଏପରି ଦାବୀ ଓ ଏହାକୁ ନେଇ ଆନ୍ଦୋଳନ ସରକାରୀ ଦଳକୁ ଗମ୍ଭୀରତାର ସହିତ ବିଚାର କରିବାକୁ ବାଧ୍ୟ କରିବ। କାରଣ ସବୁକିଛି ନିର୍ଭର କରିବ ସରକାର ରାଜ୍ୟରେ ଏସଇବିସିଙ୍କୁ ୨୭% ସଂରକ୍ଷଣ ସୁବିଧା ଦେବାରେ କେତେ ସଫଳ ହେଉଛନ୍ତି ତାହାରି ଉପରେ।

ଭାରତବର୍ଷ ତଥା ଓଡିଶାରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏକ ସଂଖ୍ୟା ବହୁଳ ଜନଗୋଷ୍ଠୀ। ସମୁଦାୟ ଜନସଂଖ୍ୟାର ଅର୍ଦ୍ଧେକରୁ ଅଧିକ ଏମାନେ। ଓଡ଼ିଶାରେ କେନ୍ଦ୍ର ଓବିସି ତାଲିକାରେ ଆଉ କିଛି ଜାତିକୁ ମଶାଇ ସାମାଜିକ ଓ ଅର୍ଥନୈତିକଭାବେ ପଛୁଆ ବର୍ଗ(ଏସଇସିବି) ତାଲିକା ପ୍ରସ୍ତୁତ କରାଯାଇଛି। ଜାତିବ୍ୟବସ୍ଥା ଅନୁଯାୟୀ ପ୍ରାୟତଃ ସମସ୍ତ ଉତ୍ପାଦକ ଗୋଷ୍ଠୀ ଏହି ବର୍ଗର। ଏମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଲୋକ କୌଳିକ ବୃତ୍ତିକରି ଚଳନ୍ତି। ସାମାଜିକ ଓ ଆର୍ଥିକ ସ୍ଥିତି ଦୁର୍ବଳ। ଶିକ୍ଷା ଦୃଷ୍ଟିକୋଣରୁ ମଧ୍ୟ ପଛରେ। ସ୍ୱାଧୀନତା ପରେ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ତଥାପି ତୁଳନାତ୍ମକ ଭାବେ ଅଗ୍ରସର ବର୍ଗଠାରୁ ବହୁ ପଛରେ ଅଛନ୍ତି। ଦେଶର ବିକାଶ ପାଇଁ ଏମାନଙ୍କ ବିକାଶ ଅତ୍ୟନ୍ତ ଜରୁରୀ। ଓବିସି ବର୍ଗ ସଶକ୍ତ ହେଲେ ଦେଶ ସାମଗ୍ରିକଭାବେ ସଶକ୍ତ ହେବ। ଏମାନଙ୍କ ମଧ୍ୟରେ ରାଜନୈତିକ ଚେତନାର ଜାଗ୍ରତ ଗଣତାନ୍ତ୍ରକୁ ଆହୁରି ମଜଭୁତ କରିବ।

ଆମ ଦେଶର ସମ୍ବିଧାନ ଏକ ସମତାଭିତ୍ତିକ ସମାଜର ପରିକଳ୍ପନା କରେ। ବିଶେଷ କରି ସାମାଜିକ ସମତା ଉପରେ ଗୁରୁତ୍ୱ ଦିଏ। ସମାଜର ତଳେ ପଡିଥିବା ଜାତିସମୂହର ସର୍ବାଙ୍ଗୀନ ବିକାଶ ଘଟାଇ ତାଙ୍କୁ ଜାତୀୟ ମହାସ୍ରୋତରେ ସାମିଲ କରିବାକୁ ଚାହେଁ। ସେମାନଙ୍କ ଆର୍ଥିକ ଓ ଶିକ୍ଷାଗତ ବିକାଶ ସହିତ ରାଜନୈତିକ ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଏ। ଏଇଥି ପାଇଁ ଅନୁସୂଚୀତ ଜାତି ଓ ଜନଜାତିମାନଙ୍କ ପାଇଁ ରାଜନୈତିକ ସଂରକ୍ଷଣର ବ୍ୟବସ୍ଥା ସମ୍ବିଧାନରେ ରହିଛି। ମହିଳାମାନଙ୍କୁ ମଧ୍ୟ ତ୍ରିସ୍ତରୀୟ ପଞ୍ଚାୟତ ଓ ସହରୀ ଗଣତାନ୍ତ୍ରିକ ସଂସ୍ଥାମାନଙ୍କରେ ସଂରକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି। କାରଣ ଶାସନ ବ୍ୟବସ୍ଥାରେ ସହଭାଗିତା ଗଣତନ୍ତ୍ରକୁ ସୁଦୃଢ଼ କରେ। ତେଣୁ ସହଭାଗୀତାର ଚେତନା ଜାଗ୍ରତ ହେବା ଜରୁରୀ।

ଓବିସିମାନଙ୍କୁ କେତେକ ରାଜ୍ୟରେ ପଞ୍ଚାୟତ ଓ ସହରୀ ନିର୍ବାଚନରେ ସଂରକ୍ଷଣ ସୁବିଧା ମିଳିଥିଲେ ହେଁ ସର୍ବୋଚ୍ଚ ନ୍ୟାୟାଳୟର ନୀତି ନିର୍ଦ୍ଧାରଣ ଯୋଗୁଁ ଏବେ ପ୍ରତ୍ୟାହାର ହୋଇଛି। ଓବିସିମାନଙ୍କ ରାଜନୈତିକ ସଂରକ୍ଷଣ କଥା ସମ୍ବିଧାନରେ ସ୍ଥାନିତ ହୋଇନାହିଁ। ମଣ୍ଡଳ କମିଶନ ଏମାନଙ୍କ ପାଇଁ ରାଜନୈତିକ ସଂରକ୍ଷଣ ବିଷୟରେ ସୁପାରିଶ କରିନଥିଲେ। ଏବେ ସରକାର ଚାହିଁଲେ ଏ ବିଷୟରେ କମିଶନ ବସାଇ ଏମାନଙ୍କୁ ସମସ୍ତ କ୍ଷେତ୍ରରେ ରାଜନୈତିକ ସରଂକ୍ଷଣ ଦେବା ବିଷୟରେ ଚିନ୍ତା କରିପାରିବେ। ରାଜନୈତିକ ଭାଗିଦାରୀ କ୍ଷେତ୍ରରେ ଏହା ବହୁତ ବଡ଼ ପଦକ୍ଷେପ ହେବ। ଏଥିପାଇଁ ବିଭିନ୍ନ ମହଲରୁ ମଧ୍ୟ ଦାବୀ ହେଉଛି।

ସାମାଜିକ ସମତା ସ୍ଥାପନ ପାଇଁ ଓ ରାଷ୍ଟ୍ରୀୟ ପ୍ରଗତି ପାଇଁ ଦେଶର ପ୍ରତ୍ୟେକ ବର୍ଗ ଓ ବର୍ଗ ଅନ୍ତର୍ଗତ ପ୍ରତ୍ୟେକ ବ୍ୟକ୍ତି ରାଜନୈତିକ ଭାବେ ସଚେତନ ହେବା ଅତ୍ୟନ୍ତ ଜରୁରୀ। ରାଜନୈତିକ ସଚେତନତା ଗଣତନ୍ତ୍ରର ଆତ୍ମା। ସୁସ୍ଥ ଓ ଉନ୍ନତ ଗଣତନ୍ତ୍ର ପାଇଁ ଏହା ଅନିବାର୍ଯ୍ୟ ବିଷୟ। ସମ୍ବିଧାନ ଅନ୍ତର୍ଗତ ପ୍ରତ୍ୟେକ ବର୍ଗର ରାଜନୈତିକ ସଚେତନତା ଏହାର ଅନ୍ତର୍ଗତ ବ୍ୟକ୍ତି ବିଶେଷଙ୍କ ସଚେତନତା ଉପରେ ନିର୍ଭରକରେ। ତେଣୁ ବ୍ୟକ୍ତିବିଶେଷଙ୍କ ସଚେତନତା ଜରିଆରେ ବର୍ଗୀୟ ସଚେତନତା ବର୍ଗର ବିକାଶରେ ସହାୟକ ହୁଏ। ବର୍ଗୀୟ ରାଜନୈତିକ ସଚେତନତା ସେତେ ଯାଏଁ ଯଥାର୍ଥ୍ୟ ଯେତେଯାଏଁ ସଂଖ୍ୟାନୁପାତିକ ଭାଗିଦାରୀ ହାସଲ ନହୋଇଛି। କୌଣସି ବର୍ଗ ଯଦି ରାଜନୈତିକଭାବେ ଅନ୍ୟ ବର୍ଗମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଚାହେଁ ତେବେ ଏହା ଅନୁଚିତ ହୋଇଯାଏ।

ଏ କଥା ସତ୍ୟ ଯେ ଓବିସିମାନେ କେନ୍ଦ୍ର ତଥା ରାଜ୍ୟରେ ନିଜର ସଂଖ୍ୟାନୁପାତରେ ଭାଗୀଦାରୀକୁ ସାବସ୍ତ କରିପାରି ନାହାଁନ୍ତି। ଏଥିପାଇଁ ଦୋଷ କାହାକୁ ଦିଆଯାଇ ପାରିବ ନାହିଁ। ଦୋଷ ହେଉଛି ନିଜର। ଦାୟୀ ହେଉଛି ରାଜନୈତିକ ସଚେତନତାର ଅଭାବ। ସମ୍ବିଧାନ ସୁବିଧା ଦେଇଛି ନିର୍ବାଚନ ଲଢିବାପାଇଁ। ଜିତି ନପାରିଲେ ନିଜେ ଦାୟୀ। ସମ୍ବିଧାନ ବିଭିନ୍ନ ବର୍ଗକୁ ସ୍ୱୀକୃତି ଦେଇଛି। ଏହା ସହିତ ରାଜନୈତିକ ଭାଗିଦାରୀକୁ ମଧ୍ୟ ସ୍ୱୀକୃତି ଦେଇଛି। ଏସଟି ଓ ଏସସିଙ୍କ କ୍ଷେତ୍ରରେ ଏହା ବାଧ୍ୟତାମୂଳକ ଭାବେ ସମ୍ବିଧାନରେ ରହିଛି। ଓବିସିଙ୍କ କ୍ଷେତ୍ରରେ ଭାଗୀଦାରୀକୁ ଭୋଟାଧିକାର ପ୍ରୟୋଗ ମାଧ୍ୟମରେ ନିଶ୍ଚିତ କରାଯାଇଛି। ବିଭିନ୍ନ ବର୍ଗର ରାଜନୈତିକ ଭାଗିଦାରୀ ସମ୍ପୃକ୍ତ ବର୍ଗର ସାମ୍ବିଧାନିକ ଅଧିକାରକୁ ତଦାରଖ କରିବା ପାଇଁ ଉଦ୍ଦିଷ୍ଟ। କୌଣସି କ୍ଷେତ୍ରରେ ଅଧିକାରର ହନନ ହେଲେ ଏମାନେ ତାହାର ସୁରକ୍ଷା ପ୍ରହରୀ ରୂପେ ଉଭା ହେବା ଆବଶ୍ୟକ।

ଦେଶର ପ୍ରଗତିରେ ଓବିସିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ରହିବ ମଧ୍ୟ। ଏମାନେ ରାଜନୈତିକ ଭାବେ ସଶକ୍ତ ହେଲେ ଦେଶର ରାଜନୈତିକ ଢାଞ୍ଚା ଆହୁରି ମଜଭୁତ ହେବ। ଶାସନ ଓ ପ୍ରଶାସନ କ୍ଷେତ୍ରରେ ଏମାନେ ନିଜର ପାରଦର୍ଶିତାକୁ ଶକ୍ତିଶାଳୀ ଢଙ୍ଗରେ ଉପସ୍ଥାପନ କରିପାରିବେ। ଏହି ବର୍ଗ ଅନେକ ବର୍ଷଧରି ଗଡାଣିଆ ରାଜନୈତିକ ଶକ୍ତିଭାବେ ବିବେଚିତ ହୋଇ ଆସିଥିଲା। ମଣ୍ଡଳ କମିଶନଙ୍କ ସୁପାରୀଶର କାର୍ଯ୍ୟକାରିତା ଘୋଷଣା ପରେ ରାଜନୈତିକ ଜାଗରଣ ଓ ସଚେତନତା ଆରମ୍ଭ ହୋଇଛି। ପ୍ରାୟ ପ୍ରତ୍ୟେକ ରାଜ୍ୟରେ ଓବିସି ନେତୃତ୍ୱ ତିଆରି ହୋଇଛି। କେତେକ ରାଜ୍ୟରେ ଏମାନେ ରାଜନୀତିକୁ ନିୟନ୍ତ୍ରଣ କରିପାରିଛନ୍ତି ଓ ସାମାଜିକ ନ୍ୟାୟ ଆନ୍ଦୋଳନକୁ ଆଗକୁ ବଢାଉଛନ୍ତି। କ୍ଷମତା ବଳୟରୁ ଦୁରେଇ ରହିଥିବା ଗୋଟିଏ ବିଶାଳ ଗୋଷ୍ଠୀ ଶାସନ କ୍ଷମତାରେ ଭାଗିଦାରୀ ହୋଇପାରିଛି। ଓବିସି ମାନଙ୍କ ଜାଗରଣକୁ ସଂକୀର୍ଣ୍ଣ ଜାତିବାଦୀ ଅର୍ଥରେ ନିଆଯିବା ଉଚିତ୍ ନୁହେଁ। ଏହାକୁ ସାମାଜିକ ବିକାଶର ଏକ ସୋପାନ ରୂପେ ଗ୍ରହଣ କରାଯିବା ଉଚିତ୍। ଦେଶର ପ୍ରତ୍ୟେକ ବର୍ଗର ବିକାଶ ଅର୍ଥ ରାଷ୍ଟ୍ରର ବିକାଶ।

ଓଡ଼ିଶାରେ ଓବିସିମାନେ ରାଜନୈତିକଭାବେ ସଚେତନ ନୁହଁନ୍ତି ବୋଲି ଅନେକଙ୍କ ଧାରଣା। ରାଜ୍ୟରେ ଏମାନେ ଏକ ରାଜନୈତିକ ଶକ୍ତିଭାବେ ବିବେଚିତ ହୁଅନ୍ତି ନାହିଁ। ୧୯୩୧ ମସିହା ଜନଗଣନା ଆଧାରରେ ଏମାନଙ୍କ ଆନୁମାନିକ ସଂଖ୍ୟା ସମୁଦାୟ ଜନସଂଖ୍ୟାର ଅର୍ଦ୍ଧେକରୁ ଅଧିକ। ଏତେ ସଂଖ୍ୟକ ବିଶିଷ୍ଟ ଗୋଷ୍ଠୀ ମଧ୍ୟରୁ କେହି ଜଣେ ସ୍ୱାଧୀନତା ପରଠାରୁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇପାରି ନାହାଁନ୍ତି। ଏସଇବିସିରୁ ହୋଇଛନ୍ତି, କିନ୍ତୁ ଓବିସିରୁ ହୋଇନାହାନ୍ତି। ଏହାର ଏକମାତ୍ର କାରଣ ଏମାନେ ରାଜନୈତିକ ହୀନମାନ୍ୟତାର ଶୀକାର ହୋଇଛନ୍ତି। ଏମାନଙ୍କ ମଧ୍ୟରେ ରାଜନୈତିକ ଚେତନାର ତ ଅଭାବ ରହିଛି, ଏହା ସହିତ ଏମାନଙ୍କୁ କ୍ଷମତା ବଳୟରୁ ମଧ୍ୟ ଦୁରେଇ ରଖିବାର ଚେଷ୍ଟା କରାଯାଇଛି। ଏମାନେ ଚାହିଁଲେ ରାଜ୍ୟର ରାଜନୈତିକ ନେତୃତ୍ୱକୁ ନିଜ ହାତକୁ ନେଇପାରିବେ। ଏ ବିଷୟରେ କେବେ ଚିନ୍ତା କରିନାହାଁନ୍ତି।

ବିଳମ୍ବରେ ହେଲେବି ଓଡିଶା ରାଜନୀତିରେ ଓବିସି ପ୍ରସଙ୍ଗର ଆବିର୍ଭାବ ହୋଇଛି। ରାଜନୈତିକ ବାଧ୍ୟକତା ଏହାକୁ ସମ୍ମୁଖକୁ ଆଣିଛି। ଏହାକୁ ନେଇ ଓବିସି ନେତୃମଣ୍ଡଳୀ ମଧ୍ୟର ମନନ ପ୍ରକ୍ରିୟା ଚାଲିଛି। ରାଜ୍ୟରେ ସାମାଜିକ ନ୍ୟାୟ ଆନ୍ଦୋଳନର ନେତୃତ୍ୱ ଏମାନେ ନେବା ଉଚିତ୍ ବୋଲି ଅନେକ ସଚେତନ ସାମାଜିକ କର୍ମୀ ଅନୁଭବ କରୁଛନ୍ତି। ଓବିସି ମାନେ ରାଜନୈତିକ ଭାବେ ସଶକ୍ତ ହେଲେ ରାଜ୍ୟରେ ପ୍ରଗତି ଆହୁରି କ୍ଷୀପ୍ରତର ହେବ ଓ ଗଣତନ୍ତ୍ରର ମୁଳଦୁଆ ଆହୁରି ମଜଭୁତ ହେବ। ଏ ବାସ୍ତବତାକୁ ସମସ୍ତେ ଅନୁଭବ କରୁଛନ୍ତି। ସାମ୍ପ୍ରତିକ ଅବସ୍ଥାରେ ଓବିସିଙ୍କୁ ନେଇ ରାଜନୈତିକ ଦଳମାନଙ୍କ ଗୋଟି ଚାଳନା କରିବା ଶୁଭ ସଂକେତ। ରାଜ୍ୟରେ ଓବିସି ପ୍ରସଙ୍ଗ ଓ ତାଙ୍କ ଅଧିକାର ମୁଖ୍ୟ ରାଜନୈତକ ଇସ୍ୟୁଭାବେ ଉଭା ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଏହାରି ଭିତରେ କଂଗ୍ରେସ ଓ ବିଜେଡି ସଭା, ଶୋଭାଯାତ୍ରା ଓ ଧାରଣା କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ବିଭିନ୍ନ ସମାଜିକ ସଂଗଠନ ଏ ଆନ୍ଦୋଳନକୁ ଆଗେଇ ନେବା ପାଇଁ ଉଦ୍ୟମ କରୁଛନ୍ତି। ଶାସକ ବିଜେପି ଏ ସମସ୍ତ ବିଷୟକୁ ତୀକ୍ଷ୍ଣ ନଜରରେ ରଖିଛି। ଶାସକ ଦଳକୁ ଓବିସି ଚିନ୍ତା ଘାରିଛି। କାରଣ ବିଜେପି ଜାଣିଛି ଓବିସିଙ୍କ ସମର୍ଥନ ବିନା ରାଜ୍ୟରେ ନିଜ ସ୍ଥିତିକୁ ମଜଭୂତ କରିହେବ ନାହିଁ। ବିଜେଡି ଜାଣିଛି ଓବିସି ଦୁରେଇଯିବା ଯୋଗୁଁ ପାର୍ଟି କ୍ଷମତାରୁ ଯାଇଛି। କଂଗ୍ରେସ ମଧ୍ୟ ଅବଗତ ଅଛି ଯେ ଓବିସି ସମର୍ଥନ ବିନା ତାଙ୍କ କ୍ଷମତାସୀନ ହେବା ସ୍ୱପ୍ନ ସ୍ୱପ୍ନରେ ରହିଯିବ। ସାମଗ୍ରିକଭାବେ ରାଜନୈତିକ ମହଲରେ ଓବିସି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସମସ୍ତଙ୍କ ନଜର ଓବିସି ଭୋଟ ଉପରେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଜୁନ୍ ୨୦୨୫ ବୁଧବାର



## ତ୍ୱଚାକୁ ଉଜ୍ଜ୍ୱଳ କରିବାଠାରୁ ଆରମ୍ଭ କରି କେଶ ବୃଦ୍ଧି ପର୍ଯ୍ୟନ୍ତ

# ସୌନ୍ଦର୍ଯ୍ୟ ବୃଦ୍ଧିରେ ସାହାଯ୍ୟ କରେ ଗୋଲାପ ଫୁଲ



ଫୁଲ କେବଳ ସାଜସଜ୍ଜା କିମ୍ବା ସୁଗନ୍ଧ ପାଇଁ ନୁହେଁ ବରଂ ଏହା ଆପଣଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି ମଧ୍ୟ କରିଥାଏ। ଆଜିର ସମୟରେ ଯେତେବେଳେ ସମସ୍ତେ ରାସାୟନିକ ମୁକ୍ତ ଏବଂ ନାଚୁରାଲ ବିୟୁଟି କେଆର ପ୍ରଡ଼କ୍ଟ ଖୋଜୁଛନ୍ତି, ସେତେବେଳେ ଫୁଲରୁ ତିଆରି ଘରୋଇ ଉପଚାର ଏକ ଉତ୍ତମ ବିକଳ୍ପ ଭାବରେ ଉଭାହୋଇଛି। ଗୋଲାପରୁ ନେଇ ଗେଣ୍ଡୁ ଏବଂ ଚମେଲି ପର୍ଯ୍ୟନ୍ତ, ଅନେକ ଫୁଲ ଅଛି ଯାହା ତ୍ୱଚାର ଚମକ ବୃଦ୍ଧି କରିବାରେ ଏବଂ କେଶକୁ ମଜବୁତ କରିବାରେ ସାହାଯ୍ୟ କରେ। ଆୟୁର୍ବେଦ ଏବଂ ପୁରୁଣା ଉପଚାରରେ ମଧ୍ୟ ଫୁଲର ଗୁରୁତ୍ୱ ଉଲ୍ଲେଖ କରାଯାଇଛି। ଯଦି ଆପଣ ମହଙ୍ଗା ବିୟୁଟି ପ୍ରଡ଼କ୍ଟ ଉପରେ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ ଘରେ କିଛି ପ୍ରଭାବଶାଳୀ ଏବଂ ପ୍ରାକୃତିକ ଉପଚାର ଗ୍ରହଣ କରିବାକୁ ଚାହାଁନ୍ତି, ତେବେ ଆପଣ ନିଶ୍ଚିତ ଭାବରେ ଏହି ଫୁଲରୁ ତିଆରି ତ୍ୱଚା ଏବଂ କେଶ ଯତ୍ନ ରୁଟିନ୍ ଚେଷ୍ଟା କରିପାରିବେ। ଆସନ୍ତୁ ଜାଣିବା କେଉଁ ଫୁଲ ପ୍ରାକୃତିକ ଉପାୟରେ ଆପଣଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବ।

**ଗୋଲାପ ଫୁଲ ତ୍ୱଚାକୁ ପ୍ରାକୃତିକ ଚମକ ଦେଇଥାଏ**

ଗୋଲାପ ପାଖୁଡା କେବଳ ସୁନ୍ଦର ନୁହେଁ ବରଂ ତ୍ୱଚା ପାଇଁ ମଧ୍ୟ ବହୁତ ଲାଭଦାୟକ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଉପାଦାନ ତ୍ୱଚାକୁ ହାଇଡ୍ରେଟ୍ ରଖେ ଏବଂ ଟ୍ୟାନ୍ ଏବଂ ପିଗ୍ମେଣ୍ଟେସନ୍ ଭଳି ସମସ୍ୟାରୁ ମୁକ୍ତି ଦିଏ। ଗୋଲାପ ଜଳକୁ ଟୋନର ଭାବରେ ବ୍ୟବହାର କରିବା ଦ୍ୱାରା ତ୍ୱଚା ସତେଜ ଏବଂ ଚମକଦାର ଦେଖାଯାଏ। ଯଦି ଆପଣ ଚାହାଁନ୍ତି,ତେବେ ଆପଣ ଗୋଲାପ ପାଖୁଡାକୁ ପିସ କରି ଏକ ଫେସ୍ ମାସ୍କ ମଧ୍ୟ ତିଆରି କରିପାରିବେ।

**ରୋଜମେରୀ କେଶ ବୃଦ୍ଧିକୁ ବୃଦ୍ଧି କରେ**

ରୋଜମେରୀ ଏକ ଔଷଧୀୟ ଫୁଲ ଯାହା କେଶ ମୂଳକୁ ମଜବୁତ କରିବା ଏବଂ ନୂତନ କେଶ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହାର ତେଲର ନିୟମିତ ବ୍ୟବହାର ମୁଣ୍ଡରେ ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ, ଯାହା କେଶ ଝଡ଼ିବା ହ୍ରାସ କରିଥାଏ। ଏହା ମୁଣ୍ଡର ଡ୍ୟାଣ୍ଡରଫ ଏବଂ କୁଣ୍ଡାଇ ହେବା ଭଳି ସମସ୍ୟାକୁ ମଧ୍ୟ ଦୂର କରିଥାଏ। କେଶ ମୂଳରେ ରୋଜମେରୀ ପାଣି କିମ୍ବା ଆବଶ୍ୟକୀୟ ତେଲ ଲଗାଇବା ଦ୍ୱାରା କେଶର ଚମକ ମଧ୍ୟ ବୃଦ୍ଧି ପାଇଥାଏ।

**ହିବିସ୍କସ୍ କେଶ ପାଇଁ ଲାଭଦାୟକ**

କେଶ ଯତ୍ନ ପାଇଁ ହିବିସ୍କସ୍ ଫୁଲକୁ ଏକ ଔଷଧ ଭାବରେ ବିବେଚନା କରାଯାଏ। ଏଥିରେ ଆମିନୋ ଏସିଡ୍,ଭିଟାମିନ୍ ଏ ଏବଂ ସି ଭଳି ପୁଷ୍ଟିକର ତତ୍ତ୍ୱ ରହିଛି ଯାହା କେଶ ବୃଦ୍ଧିକୁ ତ୍ୱରାନ୍ୱିତ କରେ। ହିବିସ୍କସ୍ ପତ୍ର ଏବଂ ଫୁଲକୁ ପିସି ଆପଣ ଏକ କେଶ ମାସ୍କ ତିଆରି କରିପାରିବେ ଯାହା କେଶକୁ ଘନ,ନରମ ଏବଂ ମଜବୁତ କରିଥାଏ। ଏହାର ପେଷ୍ଟକୁ ଫେସ୍ ପ୍ୟାକ୍ ପରି ତ୍ୱଚାରେ ମଧ୍ୟ ଲଗାଯାଇପାରିବ ଯାହା ତ୍ୱଚାକୁ ଟାଇଟ୍ ଏବଂ ଚମକଦାର କରିଥାଏ।

**ଜାସମିନ୍ କେଶ ଏବଂ ଚର୍ମ ଉଭୟ ପାଇଁ ଲାଭଦାୟକ**

ଜାସମିନ୍ ଫୁଲରେ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ମିଳିଥାଏ ଯାହା ଚର୍ମକୁ ସଂକ୍ରମଣରୁ ରକ୍ଷା କରେ ଏବଂ ମୁହଁର ରଙ୍ଗକୁ ବୃଦ୍ଧି କରେ। ଏହାର ତେଲ କେଶ ମୂଳରେ ଲଗାଇବା ଦ୍ୱାରା କେଶ ମଜବୁତ ଏବଂ ଚମକଦାର ହୋଇଥାଏ। ଏହା ସହିତ, ଚମେଲିର ସୁଗନ୍ଧ ଚାପ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରେ। ଯାହା ନିଦକୁ ଭଲ କରେ ଏବଂ ତ୍ୱଚା ଉପରେ ସିଧାସଳଖ ପ୍ରଭାବ ପକାଇଥାଏ।

# କରୋନା ଭାଇରସ ନିମ୍ବସ : ଗଳା ଯନ୍ତ୍ରଣା ହେଉଥିଲେ ସାବଧାନ



ବିଶ୍ୱରେ ପୁଣି ଥରେ କୋରୋନା ଭାଇରସ ନିଜର କାୟା ବିସ୍ତାର ଆରମ୍ଭ କରିଛି । ପରିସ୍ଥିତି ପୂର୍ବ ପରି ଗମ୍ଭୀର ନୁହେଁ,କିନ୍ତୁ କିଛି ଦେଶରେ ହଠାତ୍ ମାମଲା ବୃଦ୍ଧି ନିଶ୍ଚିତ ଭାବରେ ଚିନ୍ତାକୁ ବଢ଼ାଇ ଦେଇଛି । ବର୍ତ୍ତମାନ ସ୍ଥିତିରେ କୋରୋନା ଭାଇରସର ନୂତନ ପ୍ରକାର 'ନିମ୍ବସ' ନିଜର ଆଧିପତ୍ୟ ବିସ୍ତାର କରିବାରେ ଲାଗିଛି । ଆମେରିକା, ସିଙ୍ଗାପୁର ଏବଂ ହଂକଂ ପରେ ଏବେ ଭାରତରେ ମଧ୍ୟ କରୋନାର ନୂତନ ପ୍ରକାର 'ନିମ୍ବସ' ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ଅର୍ଥାତ୍ ଏହି ନୂତନ ପ୍ରକାର ଭାଇରସ ଭାରତରେ ପହଞ୍ଚିଛି । ଏହି ପ୍ରକାର ସଂକ୍ରମଣ ଗଳାରେ ବହୁତ ଯନ୍ତ୍ରଣା ସୃଷ୍ଟି କରେ । ଅନେକ ପୀଡିତଙ୍କଠାରେ ଏହା ବହୁତ ଗୁରୁତର । ଗଳାରେ କିଛି ଫସି ରହିଥିବା ପରି ଅନୁଭବ ହୁଏ । ଏହି ଲକ୍ଷଣ ଦେଖାଦେବା ପରଠାରୁ ସମସ୍ତେ ଭୟଭୀତ ହେବା ଆରମ୍ଭ କରିଛନ୍ତି । ସମ୍ପ୍ରତି ଭାରତରେ ମଧ୍ୟ ସମାନ ଲକ୍ଷଣ ଥିବା ପୀଡିତଙ୍କୁ ଚିହ୍ନଟ କରାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଭାରତରେ ଏପର୍ଯ୍ୟନ୍ତ ଏହି ପ୍ରକାରର କେବଳ ଦୁଇଟି ମାମଲା ପଞ୍ଜିକୃତ ହୋଇଛି, ଗୋଟିଏ ଚେନ୍ନାଇରୁ ଏବଂ ଗୋଟିଏ ପୁନେରୁ । ଉଭୟ କ୍ଷେତ୍ରରେ ଲକ୍ଷଣ ମଧ୍ୟମ ପରିମାଣର ଥିବା ଜଣାପଡିଛି । ପୁଣେ ସ୍ଥିତ ଓଉଗଜର ଘଓଠ ଜିନୋମ୍ ସିକୋଏନ୍ସିଙ୍ଗରେ ଏହା ନିଶ୍ଚିତ କରିଛି । ଏପରି ପରିସ୍ଥିତିରେ ଜାଣନ୍ତୁ ଏହି ନୂତନ ପ୍ରକାର କ'ଣ ? ଏହା କିପରି ବ୍ୟାପୁଛି ? ଏହା ଗଳାରେ ଅଧିକ ଯନ୍ତ୍ରଣା କାହିଁକି କରୁଛି ? ଭାରତୀୟ ବୈଜ୍ଞାନିକଙ୍କ ଅନୁଯାୟୀ, କୋରୋନାର ବର୍ତ୍ତମାନର ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି । ୨୦୨୦ ପରଠାରୁ କୋରୋନା ଭାଇରସର ଅନେକ ପ୍ରକାର ଦେଖାଦେଇଛି ,କିନ୍ତୁ ଭାରତୀୟଙ୍କ ରୋଗ ପ୍ରତିରୋଧକ ଶକ୍ତି ଆଗରେ ଏହା ଦୁର୍ବଳ ପ୍ରମାଣିତ ହେଉଛି । ତଥାପି, ଲୋକଙ୍କୁ ବିଶେଷ ସତର୍କ ରହିବାକୁ ପଡିବ । ସମସ୍ତ ବିଶେଷଜ୍ଞ ଏହି ନୂତନ ପ୍ରକାର ବିଷୟରେ ପୂର୍ବରୁ ସତର୍କ ଅଛନ୍ତି । ନୂତନ ପ୍ରକାର କାହିଁକି ଉଭା ହେଉଛି ତାହା ଜାଣିବା ପାଇଁ ଅନେକ ଗବେଷଣା କରାଯାଉଛି । ଏହି ନୂତନ ଉପ-ପ୍ରକାର ବର୍ତ୍ତମାନ ଆମେରିକାରେ ତାଣ୍ଡବ ରଚନା କରୁଛି। ଏହାକୁ ଘଇ.୧.୮.୧ ନାମ ଦିଆଯାଇଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ, ଏହି ପ୍ରକାରରେ ସଂକ୍ରମିତ ଲୋକଙ୍କଠାରେ ଦେଖାଯାଉଥିବା ମୁଖ୍ୟ ଲକ୍ଷଣ ହେଉଛି ଗଳାରେ ପ୍ରବଳ ଯନ୍ତ୍ରଣା । ଅର୍ଥାତ୍,ଯେତେବେଳେ ଲୋକମାନେ ଏହି ପ୍ରକାର ଦ୍ୱାରା ପ୍ରଭାବିତ ହୁଅନ୍ତି, ସେମାନଙ୍କର ଗଳାରେ ଯନ୍ତ୍ରଣା ହୁଏ। ପ୍ରକୃତରେ ଏହି ନିମ୍ବସ୍ ପ୍ରକାର ଗତ ବର୍ଷ ଚୀନରେ ଚିହ୍ନଟ ହୋଇଥିଲା। ସେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହା ଉପରେ ଧ୍ୟାନ ଦେଉଛି। ତଥାପି, ଏହି ସମୟ ମଧ୍ୟରେ, ଆମେରିକାରେ ମଧ୍ୟ ଏହାର ପ୍ରକୋପ ଆରମ୍ଭ ହୋଇଛି। ଆମେରିକାରେ ପଞ୍ଜିକୃତ ମାମଲା ମଧ୍ୟରୁ ୩୭ ପ୍ରତିଶତ ଏହି ପ୍ରକାରର। ଦୁଇ ସପ୍ତାହ ମଧ୍ୟରେ ଏହାକୁ ଗମ୍ଭୀର ଭାବରେ ଚିହ୍ନଟ କରାଯାଇଥିଲା । ଆପଣଙ୍କୁ ଜଣାଇ ଦେଉଛୁ ଯେ, ପୂର୍ବ ପ୍ରକାର ତୁଳନାରେ ନିମ୍ବସ୍ ବହୁତ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ସଂକ୍ରମିତ ଲୋକଙ୍କୁ ଅଧିକ ଶ୍ୱାସକ୍ରିୟା ସମସ୍ୟା ହେଉଛି । ନିମ୍ବସ୍ ପ୍ରକାରର ସବୁଠାରୁ ଚର୍ଚ୍ଚିତ ଲକ୍ଷଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଏକ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଗଳା ଯନ୍ତ୍ରଣା, ଯାହାକୁ ପ୍ରାୟତଃ 'ରେଜର ବ୍ଲେଡ୍ ଗଳା' କୁହାଯାଏ । ରିପୋର୍ଟରୁ ଜଣାପଡୁଛି ଯେ ଏହି ଲକ୍ଷଣ ପୂର୍ବ ପ୍ରକାରର ଲକ୍ଷଣ ଅପେକ୍ଷା ଅଧିକ ଗମ୍ଭୀର ମନେହୁଏ । ଏପର୍ଯ୍ୟନ୍ତ ପ୍ରାପ୍ତ ରିପୋର୍ଟ ଆଧାରରେ,ଗଳା ଯନ୍ତ୍ରଣା ଲକ୍ଷଣ ବ୍ୟତୀତ ଅନ୍ୟ କିଛି ଲକ୍ଷଣ ମଧ୍ୟ ଅଛି। ଅନ୍ୟାନ୍ୟ ଲକ୍ଷଣଗୁଡ଼ିକ ମଧ୍ୟରେ ରହିଛି... ନାକ ବନ୍ଦ ହେବା କିମ୍ବା ନାକରୁ ପାଣି ବାହାରିବା, ଥକ୍କା, ସାମାନ୍ୟ କାଶ ଜ୍ୱର, ମାଂସପେଶୀ କିମ୍ବା ଶରୀର ଯନ୍ତ୍ରଣା, ମଥାବ୍ୟଥା ଡାଇରିଆ ବାନ୍ତି କିମ୍ବା ବାନ୍ତି, ସ୍ୱାଦ କିମ୍ବା ଗନ୍ଧ ହରାଇବା, ନିଶ୍ୱାସ ନେବାରେ କଷ୍ଟ, ଶୁଖିଲା କାଶ, ଦିନରେ ନିଦ୍ରା, ଜ୍ୱର, ମାଂସପେଶୀ ଯନ୍ତ୍ରଣା, ଡାଇରିଆ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହା ଉପରେ ଏକ ବିବୃତ୍ତି ଦେଇଛି । ଏଥିରେ କୁହାଯାଇଛି ଯେ ବର୍ତ୍ତମାନ କୌଣସି ବିପଦ ନାହିଁ ଏବଂ ଏହି ପ୍ରକାରକୁ କୋଭିଡ୍ ପାଇଁ ବର୍ତ୍ତମାନ ଉପଲବ୍ଧ ଟୀକା ସାହାଯ୍ୟରେ ରୋକାଯାଇପାରିବ। ନିମ୍ବସ୍ ଏକ ଉପ-ଭୃତି ଯାହା ଓମିକ୍ରୋନ୍ ଭାରିଆଣ୍ଟରୁ ବାହାରିଛି। ବିଶେଷଜ୍ଞମାନେ ଜାଣିଛନ୍ତି ଯେ ଭାଇରସ୍ ଅନେକ ପରିବର୍ତ୍ତନର ସମ୍ମୁଖୀନ ହେଉଛି । ଏହି କାରଣରୁ ଏହା ବହୁତ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଏହି ଭାଇରସ୍ ଲୋକଙ୍କୁ ଆଣ୍ଟିବଡି ମଧ୍ୟ ସଂକ୍ରମିତ କରୁଛି । ତଥାପି ଏହି ନୂତନ ଭାରିଆଣ୍ଟ୍ ଉପରେ ଗବେଷଣା ଜାରି ରହିଛି। ନିମ୍ବସ୍ ଭାରିଆଣ୍ଟ୍ ଓମିକ୍ରୋନ୍ ଅପେକ୍ଷା ବହୁତ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ତଥାପି ରିପୋର୍ଟରେ କୁହାଯାଇଛି ଯେ ଏହି ଭାରିଆଣ୍ଟ୍ ଅନ୍ୟ ଭାରିଆଣ୍ଟ୍ ତୁଳନାରେ ତିନି ଗୁଣ ଅଧିକ ପ୍ରଭାବ ଦେଖାଇବାର ସମ୍ଭାବନା ରଖିଛି । କେବଳ ଏତିକି ନୁହେଁ, ଅନ୍ତର୍ଜାତୀୟ ରିପୋର୍ଟଗୁଡ଼ିକ ସୂଚାଇ ଦେଉଛି ଯେ ଏହା ଆଣ୍ଟିବଡିକୁ ମଧ୍ୟ ପରାସ୍ତ କରୁଛି, ଯାହା ଚିନ୍ତାର କାରଣ ହେଉଛି। ଆପଣଙ୍କୁ ସତର୍କ ରହିବାକୁ ପଡିବ। ଏଥିପାଇଁ ବାହାରକୁ ଯିବା ସମୟରେ ମାସ୍କ ପିନ୍ଧନ୍ତୁ। ବାରମ୍ବାର ହାତ ଧୋଇ ରଖନ୍ତୁ। ଯଦି ଆପଣଙ୍କର ବହୁତ କାଶ କିମ୍ବା ଥଣ୍ଡା ହେଉଛି, ତେବେ ପରୀକ୍ଷା କରାଇବା ଭଲ ହେବ। ଏହା ସହିତ ଆପଣ ଆପଣଙ୍କର ଖାଦ୍ୟ ପ୍ରତି ମଧ୍ୟ ବହୁତ ଯତ୍ନ ନେବା ଉଚିତ୍। ଆପଣ ବାହାର ଖାଦ୍ୟ କମ୍ ଖାଇବା ଉଚିତ୍। ଆପଣ ମଇଳା ପରିବେଶରେ ରହିବା ଉଚିତ୍ ନୁହେଁ । ଆପଣ ସମୟ ସମୟରେ ସାନିଟାଇଜର ସହିତ ଆପଣଙ୍କ ହାତ ସଫା କରିବା ଉଚିତ୍ ।

# ପ୍ରତିଦିନ ସକାଳେ ୧ ଚାମଚ ମହୁ ସହିତ ଗୋଲମରିଚ ଖାଇବା ଜରୁରୀ



ଆୟୁର୍ବେଦରେ ମହୁ ଏବଂ ଗୋଲମରିଚ ଉଭୟକୁ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଯଦି ପ୍ରତିଦିନ ସକାଳେ ଖାଲି ପେଟରେ ଏଗୁଡ଼ିକୁ ଏକାଠି ସେବନ କରାଯାଏ, ତେବେ ଏହା ଶରୀରକୁ ଅନେକ ଗମ୍ଭୀର ରୋଗରୁ ରକ୍ଷା କରିପାରିବ। ଏହି ଘରୋଇ ଉପଚାର ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହିତ ପାଚନ, ଥଣ୍ଡା, ଓଜନ ହ୍ରାସ ଏବଂ ଅନ୍ୟାନ୍ୟ ସମସ୍ୟା ପାଇଁ ଲାଭଦାୟକ। ଆସନ୍ତୁ ଜାଣିବା ମହୁ ଏବଂ କଳା ଗୋଲମରିଚର ଲାଭ କ'ଣ ?

ଥଣ୍ଡା ଏବଂ କାଶରୁ ମୁକ୍ତି-

ମହୁ ଏକ ପ୍ରାକୃତିକ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଗୋଲମରିଚରେ ପାଇପରିନ ନାମକ ଏକ ପଦାର୍ଥ ଥାଏ ଯାହା ସଂକ୍ରମଣ ସହିତ ଲଢ଼ିଥାଏ। ଏହାକୁ ସକାଳେ ସେବନ କରିବା ଦ୍ୱାରା ଗଳା ଯନ୍ତ୍ରଣା, କଫ ଏବଂ କାଶରୁ ମୁକ୍ତି ମିଳିଥାଏ । ଏହା ଥଣ୍ଡା ଓ କାଶକୁ ଶୀଘ୍ର ଭଲ କରେ ଏବଂ ପୁନରାବୃତ୍ତିକୁ ହ୍ରାସ କରେ। ଏହି ମିଶ୍ରଣ ଛୋଟ ପିଲା ଏବଂ ବୟସ୍କ ଉଭୟଙ୍କ ପାଇଁ ଲାଭଦାୟକ।

ପାଚନକ୍ରିୟା ଠିକ୍ ରହିବ-

ଗୋଲମରିଚ ପେଟରେ ଏନଜାଇମର କ୍ଷରଣ ବୃଦ୍ଧି କରି ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ ଏବଂ ମହୁ ଅନ୍ତନଳୀ ସଫା କରିବାରେ ମଧ୍ୟ ସାହାଯ୍ୟ କରେ । ଏହି ମିଶ୍ରଣ ବିଶେଷ କରି ଗ୍ୟାସ୍, ବଦହଜମୀ, କୋଷ୍ଠକାଠିନ୍ୟ କିମ୍ବା ଏସିଡିଟି ପୀଡିତ ଲୋକଙ୍କ ପାଇଁ ଭଲ । ଏହା ସହିତ ଏହା ପେଟକୁ ହାଲୁକା ରଖେ ଏବଂ ଭୋକକୁ ମଧ୍ୟ ନିୟନ୍ତ୍ରଣ କରେ ।

ଓଜନ ହ୍ରାସରେ ସହାୟକ-

ଗୋଲମରିଚ ମେଟାବୋଲିଜିମକୁ ତ୍ୱରାନ୍ୱିତ କରେ ଏବଂ ଚର୍ବି ନଷ୍ଟ କରିବାରେ ସାହାଯ୍ୟ କରେ । ମହୁରେ ପ୍ରାକୃତିକ ଶର୍କରା ଥାଏ, ଯାହା ଶରୀରକୁ ଶକ୍ତି ଦିଏ । ପ୍ରତିଦିନ ସକାଳେ ଏହାକୁ ଖାଇବା ଦ୍ୱାରା ଶରୀରରେ ଜମା ହୋଇଥିବା ଚର୍ବି ଧୀରେ ଧୀରେ ହ୍ରାସ ପାଇବା ଆରମ୍ଭ ହୁଏ । ଏହା ପେଟର ଚର୍ବି କମାଇବାରେ ବିଶେଷ ପ୍ରଭାବଶାଳୀ।

ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରେ-

ମହୁ ଏବଂ କଳା ଗୋଲମରିଚ ଉଭୟ ଆଣ୍ଟିଅକ୍ସିଡାଣ୍ଟରେ ଭରପୁର। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଯାହା ଋତୁକାଳୀନ ରୋଗ, ସଂକ୍ରମଣ ଏବଂ ଆଲର୍ଜିକୁ ରୋକିପାରେ। ଏହା ଶରୀରର କୋଷଗୁଡ଼ିକୁ ମୁକ୍ତ ରେଡିକାଲ୍ସରୁ ରକ୍ଷା କରେ ।

ଗଣ୍ଠି ଯନ୍ତ୍ରଣା ଏବଂ ଫୁଲାରୁ ମୁକ୍ତି-

ଗୋଲମରିଚରେ ପ୍ରଦାହ-ବିରୋଧୀ ଗୁଣ ରହିଛି, ଯାହା ପ୍ରଦାହ ଏବଂ ଯନ୍ତ୍ରଣାକୁ କମ୍ କରିଥାଏ । ଏହାକୁ ମହୁ ସହିତ ସେବନ କରିବା ଦ୍ୱାରା ଗଣ୍ଠି ଯନ୍ତ୍ରଣା, ଗଣ୍ଠି କଠିନତା ଏବଂ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ଏହା ଶରୀରକୁ ଭିତରୁ ଗରମ ପ୍ରଦାନ କରେ ଯାହା ଯନ୍ତ୍ରଣା ଦୂର କରିବାରେ ସାହାଯ୍ୟ କରେ।

କିପରି ସେବନ କରିବେ

ସକାଳେ ଖାଲି ପେଟରେ ୧ ଚାମଚ ମହୁରେ ଚିମୁଟାଏ ଗୋଲମରିଚ ଗୁଣ୍ଡ ମିଶାଇ ଖାଆନ୍ତୁ । ଏହାକୁ ପାଣି ବିନା ଗ୍ରହଣ କରନ୍ତୁ । ନିୟମିତ ଏପରି କରିବା ଦ୍ୱାରା ଆପଣ ୧-୨ ସପ୍ତାହ ମଧ୍ୟରେ ପାର୍ଥକ୍ୟ ଅନୁଭବ କରିବା ଆରମ୍ଭ କରିବେ।

# ବର୍ଷା ଦିନରେ କୀଟପତଙ୍ଗ ଦାଉରୁ ରକ୍ଷା ପାଇଁ ଘରୋଇ ଉପଚାରରେ ତିଆରି କରନ୍ତୁ ସ୍ପ୍ରେ



ବର୍ଷା ଋତୁ ଆସିଗଲାଣି । ଏହି ଋତୁରେ ଘରେ ବିଭିନ୍ନ ପ୍ରକାରର କୀଟପତଙ୍ଗ ଘୁରି ବୁଲିଥାନ୍ତି। ଯଦ୍ୱାରା ଘରେ ଛୋଟପିଲା ଥିଲେ ଅସୁବିଧା ହୋଇଥାଏ। ସମୟସମୟରେ ଖେଳୁଥିବା ବେଳେ ଛୋଟଛୁଆମାନେ ଉକ୍ତ କୀଟପତଙ୍ଗଙ୍କୁ ପାଟିରେ ପୁରାଇ ଦେଇଥାଆନ୍ତି। ଯଦ୍ୱାରା ଅନେକ ସମୟରେ ଛୁଆ ସଂକ୍ରମଣ ଶିକାର ହୋଇଥାଆନ୍ତି। କେବଳ ଏତିକି ନୁହେଁ ବର୍ଷା ଋତୁରେ ଘରକୁ ପଶି ଆସୁଥିବା କୀଟପତଙ୍ଗ ହେତୁ ଖାଇବା ଓ ବସିବାରେ ବି ଅସୁବିଧା ହୋଇଥାଏ। ତେବେ ଆସନ୍ତୁ ଜାଣିବା ଏଥିରୁ କିପରି ପାଇବା ମୁକ୍ତି। ବଜାରରେ ଅନେକ କମ୍ପାନିର କୀଟପତଙ୍ଗ ନାଶକ ସ୍ପ୍ରେ ଉପଲବ୍ଧ ରହିଛି। ତେବେ ଏହି ସ୍ପ୍ରେ କ୍ରମାଗତ ଭାବେ ବ୍ୟବହାର କରିବା ଦ୍ୱାରା ମଣିଷ ଶରୀରକୁ କ୍ଷତି ପହଞ୍ଚାଇ ଥାଏ। ଏଭଳି ପରିସ୍ଥିତିରେ ଘରେ ବି ଆପଣ ଗୁଣବତ୍ତା ସ୍ପ୍ରେ ତିଆରି କରି କୀଟପତଙ୍ଗ ଦାଉରୁ ରକ୍ଷା ପାଇ ପାରିବେ। ଏହି ସ୍ପ୍ରେ ଘରେ ଘୁରି ବୁଲୁଥିବା ପିମ୍ପୁଡ଼ି, ମାଛି ଏବଂ ଅସରପା ସହିତ ଅନ୍ୟାନ୍ୟ ପୋକଜୋକକୁ ଦୂର କରିବାରେ ଭଲ ପ୍ରଭାବ ପକାଇଥାଏ। ବର୍ଷାଦିନେ କୀଟପତଙ୍ଗଙ୍କୁ ଦୂର କରିବା ପାଇଁ ଏକ ସରଳ ସ୍ପ୍ରେ ଘରେ ତିଆରି କରାଯାଇପାରିବ। ଏହି ସ୍ପ୍ରେ ତିଆରି କରିବା ପାଇଁ, ଏକ ପାତ୍ରରେ ପାଣି ଗରମ କରନ୍ତୁ। ଏହି ପାଣିରେ ଲବଙ୍ଗ ମିଶାନ୍ତୁ। ପାଣିର ରଙ୍ଗ ପରିବର୍ତ୍ତନ ହେଲେ, ସେଥିରେ ଏକ ଚାମଚ ବେକିଂ ସୋଡ଼ା ମିଶାନ୍ତୁ । ଏବେ ଏହି ମିଶ୍ରଣକୁ ଥଣ୍ଡା କରି ଏକ ସ୍ପ୍ରେ ବୋତଲରେ ରଖି ସେଥିରେ କିଛି ତେଜପତ୍ର ଭାଙ୍ଗି ପକାଇ ଦିଅନ୍ତୁ । ଏବେ ଆପଣଙ୍କର ସ୍ପ୍ରେ ପ୍ରସ୍ତୁତ। ଭିନେଗାରର ଗନ୍ଧ ଯୋଗୁଁ କୀଟପତଙ୍ଗମାନେ ଦୌଡ଼ି ପଳାନ୍ତି। ଏକ ସ୍ପ୍ରେ ବୋତଲରେ ଭିନେଗାର ଭର୍ତ୍ତି କରି କୀଟପତଙ୍ଗ ଉପରେ ସ୍ପ୍ରେ କରି ପାରିବେ। ନଚେତ ଭିନେଗାର ପାଣିରେ ଘରର ଚଟାଣ ପୋଛନ୍ତୁ। ଏପରି କରିବା ଦ୍ୱାରା ଘରର ଚଟାଣରେ କୀଟପତଙ୍ଗ ବୁଲିବା ହ୍ରାସ ପାଇବ।

# ପ୍ରତିଦିନ ଖାଲି ପାଦରେ ଚାଲିଲେ ମିଳିବ ଅନେକ ଆଶ୍ଚର୍ଯ୍ୟଜନକ ଫାଇଦା



ଗୋଟିଏ ସମୟ ଥିଲା ଯେତେବେଳେ ଲୋକମାନେ ଖାଲି ପାଦରେ ଚାଲିଚାଲି ଯାଉଥିଲେ। କିନ୍ତୁ ଏବେ ଲୋକ କେବଳ ବାହାରେ ନୁହେଁ, ଅନେକ ଲୋକ ଘର ଭିତରେ ମଧ୍ୟ ଚପଲ ପିନ୍ଧୁଥିବା ଦେଖିବାକୁ ମିଳିଛି । କିନ୍ତୁ ଆପଣ ଜାଣନ୍ତି କି ? ଖାଲି ପାଦରେ ଚାଲିବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ । ଚାଲିବା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ବୋଲି ବିବେଚନା କରାଯାଏ । କିନ୍ତୁ ଖାଲି ପାଦରେ ଚାଲିବାର ମଧ୍ୟ କିଛି ଲାଭ ଅଛି । ବୟସ୍କ ଏବଂ ଡାକ୍ତରମାନେ ମଧ୍ୟ କୁହନ୍ତି ଯେ ସକାଳେ ଘାସ ଉପରେ ଖାଲି ପାଦରେ ଚାଲିବା ଉଚିତ । କେବଳ ଘାସ ଉପରେ ନୁହେଁ, ଯେକୌଣସି ପୃଷ୍ଠରେ ଖାଲି ପାଦରେ ଚାଲିବା ଲାଭଦାୟକ । ଜୋତା ପିନ୍ଧି ଚାଲିବା ପାଦରେ ଯନ୍ତ୍ରଣା ହୋଇପାରେ,କିନ୍ତୁ ଖାଲି ପାଦରେ ଚାଲିବା ସନ୍ଧିଗୁଡ଼ିକୁ ମଜବୁତ କରେ।

ପ୍ରକୃତରେ ଖାଲି ପାଦରେ ଚାଲିବାକୁ ଗ୍ରାଉଣ୍ଡିଂ ଏବଂ ଆର୍ଥିଂ ମଧ୍ୟ କୁହାଯାଏ। ବିଶେଷଜ୍ଞମାନେ କୁହନ୍ତି ଯେ ଏହା ଶାରୀରିକ ସ୍ୱାସ୍ଥ୍ୟ ସହିତ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାଏ ।

ଆର୍ଥିଂ କିମ୍ବା ଗ୍ରାଉଣ୍ଡିଂ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ । ଘର ଭିତରେ କିମ୍ବା ବାହାର ପୃଷ୍ଠରେ ଖାଲି ପାଦରେ ଚାଲିବା ଅଭ୍ୟାସକୁ ଆର୍ଥିଂ କିମ୍ବା ଗ୍ରାଉଣ୍ଡିଂ କୁହାଯାଏ। ଆର୍ଥିଂ କିମ୍ବା ଗ୍ରାଉଣ୍ଡିଂ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ଘର ଭିତରେ କିମ୍ବା ବାହାର ପୃଷ୍ଠରେ ଖାଲି ପାଦରେ ଚାଲିବା ଦ୍ୱାରା ଶରୀର ପୃଥିବୀର ପ୍ରାକୃତିକ ବୈଦ୍ୟୁତିକ ଚାର୍ଜ ସହିତ ସଂଯୁକ୍ତ ହୁଏ । ଏହା ବିଶ୍ୱାସ କରାଯାଏ ଯେ ପୃଥିବୀର ନକାରାତ୍ମକ ଶକ୍ତି ଶରୀରରେ ପ୍ରବେଶ କରେ, ଯାହା ସ୍ୱାସ୍ଥ୍ୟ ଲାଭ ଆଣିପାରେ। ଗ୍ରାଉଣ୍ଡିଂ କିମ୍ବା ଆର୍ଥିଂ ଏକ ଚିକିତ୍ସା କୌଶଳ ଯାହା ପୃଥିବୀ ସହିତ ସଂଯୋଗ କରି ଆପଣଙ୍କର ବୈଦ୍ୟୁତିକ ଶକ୍ତିକୁ ପୁନଃ ସଜାଡ଼ିଥାଏ। ଏହା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଜର୍ଣ୍ଣାଲ ଅଫ୍ ଇନଫ୍ଲାମେସନ୍ ରିସର୍ଚ୍ଚରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଏହା ପ୍ରଦାହ, ଯନ୍ତ୍ରଣା ହ୍ରାସ କରିବା ସହିତ ଚାପ ହ୍ରାସ କରେ ଏବଂ ମନୋଭାବକୁ ଉନ୍ନତ କରେ। ପ୍ରଦାହ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, କ୍ଷତ ଚିକିତ୍ସା ଏବଂ କ୍ରନିକ୍ ଅଟୋଇମ୍ୟୁନ୍ ରୋଗର ପ୍ରତିରୋଧ ଏବଂ ଚିକିତ୍ସାରେ ମଧ୍ୟ ଆର୍ଥିଂ ଲାଭଦାୟକ ବୋଲି ବିବେଚନା କରାଯାଏ। ସାଇନ୍ସ ଡାଇରେକ୍ଟ ୱେବସାଇଟ୍ ଅନୁଯାୟୀ, ଯେଉଁ ଲୋକମାନଙ୍କର କୌଣସି ଅସ୍ଥି ଶଲ୍ୟ ସମସ୍ୟା ନାହିଁ, ସେମାନଙ୍କ ପାଇଁ ଖାଲି ପାଦରେ ଚାଲିବା କିମ୍ବା ଆର୍ଥିଂ ପାଦ ଏବଂ ଗୋଡ଼କୁ ମଜବୁତ କରିପାରିବ। ବିଶେଷଜ୍ଞମାନେ କହିଛନ୍ତି ଯେ ଖାଲି ପାଦରେ ଚାଲିବା ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ। ଫଳସ୍ୱରୂପ, ପାଦ ଏବଂ ଗୋଡ଼ରେ ଫୁଲା କମିଯାଏ ଏବଂ ଭାରିକୋଜ୍ ଶିରା ଭଳି ସମସ୍ୟାକୁ ରୋକାଯାଏ। ଅଧ୍ୟୟନରୁ ଜଣାପଡିଛି ଯେ ଏହା ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣ କରେ। ଏହି ପ୍ରକ୍ରିୟା ଶରୀରରୁ ଅଳିଆ ବାହାର କରିବାରେ ସାହାଯ୍ୟ କରେ। ଏହା ମଧ୍ୟ କୁହାଯାଏ ଯେ ଏହା ଉଚ୍ଚ ରକ୍ତଚାପ ଏବଂ ଚାପର ଆଶଙ୍କା ହ୍ରାସ କରେ ଏବଂ ହୃଦରୋଗର ଆଶଙ୍କା ହ୍ରାସ କରେ। ଏହା ଜୋତା ପିନ୍ଧି ଚାଲିବା ଅପେକ୍ଷା ପାଦ ମାଂସପେଶୀକୁ ଅଧିକ ସକ୍ରିୟ କରିଥାଏ ଏବଂ ଏହିପରି ବ୍ୟକ୍ତିର ଚାଲିବା ଏବଂ ସନ୍ତୁଳନକୁ ଉନ୍ନତ କରିଥାଏ। ୨୦୨୧ର ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଯେଉଁମାନେ ସହାୟକ ଜୋତା ସହିତ ସର୍ବନିମ୍ନ ଜୋତା ପିନ୍ଧିବା ଆରମ୍ଭ କରିଥିଲେ ସେମାନଙ୍କର ୬ ମାସ ମଧ୍ୟରେ ପାଦ ଶକ୍ତିରେ ୫୭.୪% ବୃଦ୍ଧି ଦେଖାଯାଇଥିଲା। ରାତିରେ ଭଲ ନିଦ ପାଇଁ ଖାଲି ପାଦରେ ଚାଲିବା ଲାଭଦାୟକ ହୋଇପାରେ, କାରଣ ଏହା ଆମ ଶରୀରରେ କର୍ଟିସୋଲର ସ୍ତରକୁ ହ୍ରାସ କରେ, ଯାହା ଭଲ ନିଦ ଆଣିଥାଏ। ଏହା ବ୍ୟତୀତ ଖାଲି ପାଦରେ ଚାଲିବା ଦ୍ୱାରା ସ୍ଲିପ୍ ଡିସଫଙ୍କସନ୍ ଏବଂ ପାଦ ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ମିଳିଥାଏ। ଏହି କାରଣ ହେଉଛି ଖାଲି ପାଦରେ ଚାଲିବା ଆମକୁ ଭୂମିରୁ ସକାରାତ୍ମକ ଶକ୍ତି ପ୍ରଦାନ କରେ, ଯାହା ଆମର ଚାପକୁ ହ୍ରାସ କରେ ଏବଂ ଆମକୁ ଭଲ ନିଦ ଦିଏ। ଲୋକମାନେ ନିଜର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ଅନେକ ଔଷଧ ଏବଂ ସପ୍ଲିମେଣ୍ଟ ନିଅନ୍ତି, ଯେତେବେଳେ କେବଳ ଖାଲି ପାଦରେ ଚାଲିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଯାଇପାରିବ। ଖାଲି ପାଦରେ ଚାଲିବା ଦ୍ୱାରା ଶରୀରରେ ଧଳା କୋଷ ବୃଦ୍ଧି ପାଏ, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ସାହାଯ୍ୟ କରେ। ବୟସ୍କ ଲୋକମାନେ ପ୍ରାୟତଃ ପାଦରେ ଯନ୍ତ୍ରଣା ଅଭିଯୋଗ କରନ୍ତି, ଏପରି ପରିସ୍ଥିତିରେ, ଖାଲି ପାଦରେ ଚାଲିବା ସେମାନଙ୍କ ପାଇଁ ବହୁତ ଲାଭଦାୟକ ହୋଇପାରେ। ପ୍ରକୃତରେ, ବୟସ୍କମାନଙ୍କ ପାଇଁ ଖାଲି ପାଦରେ ଚାଲିବା ଆକ୍ୟୁପଙ୍କଚର ଭଳି କାମ କରେ, ଯାହା ସେମାନଙ୍କ ପାଦ ଫୁଲିବା ଏବଂ ଯନ୍ତ୍ରଣାରୁ ବହୁତ ଆରାମ ଦିଏ। ଏହା ବ୍ୟତୀତ ଏହା ମାଂସପେଶୀ ଯନ୍ତ୍ରଣା ଏବଂ ସନ୍ଧି ଯନ୍ତ୍ରଣାରେ ମଧ୍ୟ ଆରାମଦାୟକ। ଖାଲି ପାଦରେ ଚାଲିବାର ଅନେକ ଲାଭ ମଧ୍ୟରୁ ଗୋଟିଏ ହେଉଛି ଏହା ଶରୀରରେ ରକ୍ତ ପ୍ରବାହକୁ ଉନ୍ନତ କରେ। ଏହା ଶରୀରକୁ ଛୋଟ ଛୋଟ ସଂକ୍ରମଣରୁ ରକ୍ଷା କରିପାରିବ। ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ଶରୀରରେ ରକ୍ତ ପ୍ରବାହ ଯେତେ ଭଲ ହେବ, ରୋଗରୁ ରକ୍ଷା ପାଇବାର ସମ୍ଭାବନା ସେତେ ଅଧିକ ହେବ। ବିଶେଷଜ୍ଞମାନେ କହିଛନ୍ତି ଯେ, ସକାଳେ କିଛି ସମୟ ପାଇଁ ଖାଲି ପାଦରେ ଚାଲିବା ଦ୍ୱାରା ହରମୋନ ସ୍ୱାସ୍ଥ୍ୟ ଉନ୍ନତ ହୁଏ। ଏହା ୨୦୧୮ରେ ଜର୍ଣ୍ଣାଲ ଅଫ୍ ଏନଭାରମେଣ୍ଟାଲ୍ ଆଣ୍ଡ୍ ପବ୍ଲିକ୍ ହେଲ୍ଥରେ ପ୍ରକାଶିତ The Effects of Grounding on the Human Body: A Systematic Review ଶୀର୍ଷକ ଏକ ଅଧ୍ୟୟନରେ ମଧ୍ୟ ପ୍ରକାଶିତ ହୋଇଥିଲା । ବିଶେଷକରି, ଏହା ଜଣାପଡିଥିଲା ଯେ ଏହି ଅଭ୍ୟାସ ଚାପ ହରମୋନ କର୍ଟିସୋଲ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ ଏବଂ ଜୈବିକ ଘଣ୍ଟାକୁ ଉତ୍ତେଜିତ କରିଥାଏ। ଫଳସ୍ୱରୂପ, କେବଳ ହରମୋନ କାର୍ଯ୍ୟରେ ଉନ୍ନତି ହୁଏ ନାହିଁ, ବରଂ ରକ୍ତରେ ଶର୍କରା ସ୍ତର ମଧ୍ୟ ନିୟନ୍ତ୍ରିତ ରହିଥାଏ।

# ଶରୀରକୁ ସୁସ୍ଥ ରଖିବା ପାଇଁ ଖାଦ୍ୟ ଟିପ୍ସ



ଆମେ ଯାହା କିଛି ବି ଖାଇଥାଉ ତାହା ଆମ ଶରୀର ଉପରେ ଭଲ ପ୍ରଭାବ ପକାଏ , ଖରାପ ପ୍ରଭାବ ବି ପକାଇପାରେ । ଏଥିପାଇଁ ଜରୁରୀ ହେଉଛି ଆମକୁ ଖାଦ୍ୟକୁ ଠିକ୍ ଢଙ୍ଗରେ ଖାଇବାକୁ ପଡ଼ିବ । କୌଣସି ଖାଦ୍ୟକୁ ଶରୀର ପାଇଁ ଉପଯୋଗୀ ତଥା ଲାଭଦାୟୀ କରିବାକୁ ହେଲେ ଏହାକୁ ଠିକ୍ ଭାବେ ଖାଇବା ବି ଜରୁରୀ । ଅନେକ ସମୟରେ ଆମେ ସମୟ ଅଭାବରୁ ସହଜ ବାଟ ଆପଣାଉ। କିଛି ଖାଦ୍ୟକୁ ଯେନତେନ ପ୍ରକାରେଣ ଖାଇ କାମ ଚଳାଇଦେଉ । କିନ୍ତୁ ଆମ ଅଜାଣତରେ ଭୁଲ ଢଙ୍ଗରେ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ଉପରେ ଭଲ ପ୍ରଭାବ ପକାଇବା ବଦଳରେ ଖରାପ ପ୍ରଭାବ ପକାଇଥାଏ । ତେବେ ଏଭଳି କିଛି ଖାଦ୍ୟ ଅଛି ଯାହାକୁ ଭିଜାଇ ଖାଇବା ଜରୁରୀ ଯାହା ଆମ ଶରୀର ଉପରେ ସୁପ୍ରଭାବ ପକାଇବ। ବାଦାମ୍, ଅଖରୋଟ୍, ନାଣ୍ଡିବଗୁଲି ମଞ୍ଜି, ଅଳସି ମଞ୍ଜିରେ ଫାଇଟିକ୍ ଏସିଡ୍ ମହଜୁଦ ରହିଛି, ଯାହା ମିନେରାଲ୍ସ, ଆଇରନ୍, ଜିଙ୍କ୍, ଓ କ୍ୟାଲିସିୟମ ପରି ପୋଷଣ ତତ୍ତ୍ୱ ପଥରେ ବାଧକ । ହେଲେ ଏସବୁକୁ ଭିଜାଇ ଖାଇଲେ ଫାଇଟିକ୍ ଏସିଡ୍ ମାତ୍ରା କମିଯାଇ ଶରୀରକୁ ଆବଶ୍ୟକ ପୋଷଣ ଯୋଗାଏ । ପନିପରିବା ଯେପରିକି ବ୍ରୋକୋଲି, ବନ୍ଧାକୋବି, ଫୁଲକୋବିରେ ଅନେକ ପ୍ରକାରର ଉପାଦନ ଥାଏ ଯାହା ଶରୀର ଉପରେ ଅନେକ ସମୟରେ ବିପରିତ ପ୍ରଭାବ ପକାଏ ହେଲେ, ଗ୍ୟାସ ପରି ସସମ୍ୟା ସୃଷ୍ଟି ହୁଏ । ଏହାକୁ କିଛି ସମୟ ପାଣିରେ ଭିଜାଇ ରଖି ଖାଇଲେ ଏଥିରୁ କଡ଼ାପଣ ଦୂରେଇ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ । ସେହିପରି ବିନ୍ସ, ଡାଲି, ଚଣା ଆଦିରେ ଭରପୂର ମାତ୍ରାରେ ପୋଷଣ ତତ୍ତ୍ୱ ଥାଏ। ହେଲେ ଏଥିରେ କିଛି ଫାଇଟିକ୍ ଏସିଡ୍ ମାତ୍ରା ଥାଏ ଯାହା ହଜମ କ୍ରିୟାକୁ ପ୍ରଭାବିତ କରିପାରେ । ହେଲେ ଏସବୁ ଭିଜାଇ ଖାଇଲେ ଏହି ସମସ୍ୟା ଦୂର ହୋଇଯାଏ ।

# ଆଇସିସି ଆଚରଣବିଧି ଉଲ୍ଲଂଘନ କଲେ ପନ୍ତ



**ଲିଡ୍ସ**

ଭାରତର ଉଇକେଟ୍‌କିପର-ବ୍ୟାଟର ରିଷଭ ପନ୍ତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦ୍ୱାରା ଭର୍ତ୍ସିତ ହୋଇଛନ୍ତି । ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିବସ ଖେଳ ବେଳେ ସେ ଅମ୍ପାୟାରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ । ଏହାଦ୍ୱାରା ସେ ଆଇସିସି ଆଚରଣବିଧିର ଧାରା-୧ ଉଲ୍ଲଂଘନ କରିଛନ୍ତି । ୨୭ ବର୍ଷୀୟ ପନ୍ତ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି । ପନ୍ତଙ୍କୁ ଭର୍ତ୍ସନା କରିବା ସହ ୨୪ ମାସ ମଧ୍ୟରେ ଏହା ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ତାଙ୍କ ଶୃଙ୍ଖଳାଗତ ଖାତାରେ ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି ।

ଏହି ଘଟଣା ଇଂଲଣ୍ଡ ଇନିଂସର ୬୧ତମ ଓଭରରେ ହ୍ୟାରୀ ବ୍ରୁକ୍ ଓ ବେନ୍ ଷ୍ଟୋକ୍ସ ବ୍ୟାଟିଂ କରୁଥିବା ସମୟରେ ବଲ୍‌ର କଣ୍ଡିଶନକୁ ନେଇ ଅମ୍ପାୟାରଙ୍କ ସହ ଆଲୋଚନା ବେଳେ ଦେଖିବାକୁ ମିଳିଥିଲା ଅମ୍ପାୟର ବଲ୍‌ର ଗେଜ୍‌କୁ ଯାଞ୍ଚ କରିବା ପରେ ଏହାକୁ ବଦଳାଇବା ଲାଗି ମନା କରିଦେବାରୁ ଉଇକେଟ୍‌କିପର ଜଣକ ଅସହମତି ପ୍ରକାଶ କରିବା ସହ ଅମ୍ପାୟାରଙ୍କ ସାମ୍ନାରେ ବଲ୍‌କୁ ଗ୍ରାଉଣ୍ଡ ଭିତରକୁ ଫିଙ୍ଗି ଦେଇଥିଲେ । ପନ୍ତ ତାଙ୍କ ଦୋଷ ସ୍ୱୀକାର କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା ।

# ଭାରତୀୟ ଟେଷ୍ଟ କ୍ରିକେଟ୍ ଇତିହାସର ସବୁଠୁ ଖରାପ ଦିନ : ଡକେଟ୍-କ୍ରାଉଲିଙ୍କ ରେକର୍ଡ ପାର୍ଟନରସିପ୍

**ହେଡିଙ୍ଗଲେ**

ଲିଡ୍ସରେ ଭାରତ ବିପକ୍ଷରେ ଖେଳାଯାଉଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଇଂଲଣ୍ଡର ଦୁଇ ଓପନର ଅନେକ ରେକର୍ଡ ନିଜ ନାଁରେ କରିଛନ୍ତି । ବେନ୍ ଡକେଟ୍ ଏବଂ ଜ୍ୟାକ୍ କ୍ରାଉଲି ଓପନିଂ କରି ଭାରତୀୟ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ । ପ୍ରଥମ ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ପ୍ରଥମ ୱିକେଟ୍ ପାଇଁ ୧୮୮ ରନ୍‌ର ବହୁମୂଲ୍ୟ ଭାଗିଦାରୀ କରିଥିଲେ । ଏହା ଟିମ୍ ଇଣ୍ଡିଆ ବିପକ୍ଷରେ ଟେଷ୍ଟ କ୍ରିକେଟରେ ଚତୁର୍ଥ ପାଳିରେ ସବୁଠୁ ବଡ଼ ଓପନିଂ ପାର୍ଟନରସିପ । ପୂର୍ବରୁ ଏହି ରେକର୍ଡ ୱେଷ୍ଟଇଣ୍ଡିଜର ଏଲନ୍‌ରେ ଓ ଜ୍ୟାଫ୍ରେ ଷ୍ଟଲମେୟରଙ୍କ ନାଁରେ ଥିଲା । ଦୁହେଁ ୧୯୫୩ରେ ଭାରତ ବିପକ୍ଷରେ ଚତୁର୍ଥ ଇନିଂସରେ ପ୍ରଥମ ୱିକେଟ୍ ପାଇଁ ୧୪୨ ରନ୍ ଅପରାଜିତ ପାର୍ଟନରସିପ କରିଥିଲେ ।

ଏହା ବାଦ୍ ଏହି ଦୁଇ ଖେଳାଳି ୨୦୨୨ ପରଠାରୁ ଟେଷ୍ଟରେ ସର୍ବାଧିକ ଶତକୀୟ ଓପନିଂ ଭାଗିଦାରୀ କରିଛନ୍ତି । ଦୁହେଁ ଚାରି ଥର ଏହା କରି ଦେଖାଇଛନ୍ତି । ଏହି ସୂଚୀରେ ଦ୍ୱିତୀୟ ସ୍ଥାନରେ ଚାରି ଯୋଡ଼ି ଅଛନ୍ତି । ପାକିସ୍ତାନର ଅବଦୁଲା ସଫିକ୍ ଓ ଇମାମ ଉଲ୍ ହକ୍, ନ୍ୟୁଜିଲାଣ୍ଡର ଡେଭୋନ୍ କନୱେ ଓ ଟମ୍ ଲାଥମ, ଭାରତର ଯଶସ୍ୱୀ ଜୟସ୍ୱାଲ ଓ ରୋହିତ ଶର୍ମା, ଅଷ୍ଟ୍ରେଲିଆର



ଉସ୍ମାନ ଖ୍ୱାଜା ଓ ଡେଭିଡ୍ ୱାର୍ଣ୍ଣର । ଏହି ସବୁ ଯୋଡ଼ି ୨୦୨୨ ପରଠୁ ତିନି ତିନି ଥର ଲେଖାଏଁ ଟେଷ୍ଟ ଓପନିଂରେ ଶତକୀୟ ପାର୍ଟନରସିପ୍ କରିଥିଲେ । ଏହା ବ୍ୟତୀତ ୨୦୦୦ରୁ ଏହା ସର୍ବଶ୍ରେଷ୍ଠ ଓପନିଂ ପାର୍ଟନରସିପ୍ । ଏହି ଦୁଇ ଖେଳାଳି ଦମ୍‌ଦାର ବ୍ୟାଟିଂ କରି ଇଂଲଣ୍ଡର ପଲ୍ଲା ଭାରି କରିଛନ୍ତି ।

ମଙ୍ଗଳବାର ବ୍ୟାଟିଂରେ ବେନ୍ ଡକେଟ୍ ନିଜ ନାଁରେ ଆଉ ଏକ ଉପଲବ୍ଧି କରିଥିଲେ । ଇଂଲଣ୍ଡର ଏହି ଖେଳାଳି ୨୦୨୨ ଡିସେମ୍ବର ପରଠାରୁ ୧୮ ଥର ୫୦ରୁ ଅଧିକ ରନ୍ କରିଛନ୍ତି । ସେ ଅନ୍ତର୍ଜାତୀୟ ଟେଷ୍ଟ କ୍ରିକେଟରେ ଓପନର ଭାବରେ ସର୍ବାଧିକ ୫୦ ରନ୍ କରିଛନ୍ତି । କେବଳ ଏହା ବ୍ୟତୀତ ବେନ୍ ଡକେଟ୍ ଏବଂ ଜ୍ୟାକ୍ କ୍ରାଉଲି ଭାରତ ବିପକ୍ଷରେ ୬ ଥର ୫୦ ରନରୁ ଅଧିକ ଓପନିଂ ପାର୍ଟନରସିପ୍ କରିଛନ୍ତି । ଚତୁର୍ଥ ଇନିଂସରେ ଜ୍ୟାକ୍ କ୍ରାଉଲି ୬୫ ରନ୍ କରିଥିଲେ । ତେବେ ମଙ୍ଗଳବାର ଏହି ଇନିଂସରେ ତାଙ୍କୁ ୭ଟି ସୁଯୋଗ ମିଳିଥିଲା । ଅନ୍ୟପଟେ ବେନ୍ ଡକେଟ୍ ନିଜର ଶତକ ପୂରଣ କରି ୧୪୯ ରନ୍‌ରେ ଆଉଟ୍ ହୋଇଥିଲେ ।

# ସ୍ଥଗିତ ରହିଲା ରିଙ୍କୁ ଏବଂ ସାଂସଦ ପ୍ରିୟାଙ୍କ ବିବାହ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ରିଙ୍କୁ ସିଂହ ଏବଂ ସାଂସଦ ପ୍ରିୟା ସରୋଜଙ୍କ ବିବାହକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଭରି ରହିଥିଲା । ସମ୍ପ୍ରତି ମିଳିଥିବା ସୂଚନା ଅନୁଯାୟୀ ରିଙ୍କୁଙ୍କ ବିବାହ ଚଳିତ ବର୍ଷ ନଭେମ୍ବରରେ ହେବନାହିଁ ଏହାକୁ ଏବେ ସ୍ଥଗିତ ରଖାଯାଇଛି ।

ଜୁନ ୮ ତାରିଖରେ ରିଙ୍କୁ ଏବଂ ପ୍ରିୟାଙ୍କ ଲକ୍ଷ୍ନୌର ଏକ ବିଳାସପୂର୍ଣ୍ଣ ହୋଟେଲରେ ନିର୍ବନ୍ଧ ହେଇଥିଲା । ଏହି ନିର୍ବନ୍ଧକୁ ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲାଙ୍କ ସମେତ ଅଖିଳେଶ ଯାଦବ, ଜୟା ବଚ୍ଚନ ଏବଂ ଅନେକ ଭିଭିଆଇପି ଅତିଥିମାନେ ଯୋଗ ଦେଇଥିଲେ ।

ରିପୋର୍ଟ ଅନୁଯାୟୀ, ରିଙ୍କୁ ସିଂହ ଏବଂ ପ୍ରିୟା ସରୋଜଙ୍କ ବିବାହକୁ ସ୍ଥଗିତ ରଖାଯାଇଛି । ଏହାର କାରଣ ହେଉଛି ରିଙ୍କୁଙ୍କ ଦଳ ପ୍ରତି ଥିବା ପ୍ରତିବଦ୍ଧତା । ଖେଳ ପାଇଁ ରିଙ୍କୁଙ୍କୁ ଦଳ ସହିତ ଯିବାକୁ ପଡିବ । ୨୭ ବର୍ଷୀୟ ରିଙ୍କୁ ସିଂହ ଭାରତ ପାଇଁ ୨ଟି ଦିନିକିଆ ଏବଂ ୩୩ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଛନ୍ତି । ଏଥିରେ ସେ ଯଥାକ୍ରମେ ୫୫ ଏବଂ ୫୪୬ ରନ୍ କରିଛନ୍ତି ।

ରିଙ୍କୁ ଓ ପ୍ରିୟାଙ୍କ ବିବାହ ଚଳିତବର୍ଷ ନଭେମ୍ବର ପରିବର୍ତ୍ତେ ୨୦୨୬ ଫେବୃୟାରୀରେ ହେବାର ଯୋଜନା ରଖାଯାଇଛି । ତଥାପି ଏହି ବିବାହ ତାରିଖ ପରିବର୍ତ୍ତନ ହୋଇପାରେ ବୋଲି ରିଙ୍କୁଙ୍କ ପରିବାର ଲୋକଙ୍କ ସୂତ୍ରରୁ ପ୍ରକାଶ ।

# ବାମହାତୀ ସ୍ପିନର ଦିଲୀପ ଦୋଷୀଙ୍କ ପରଲୋକ

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ଦିଲୀପ ଦୋଷୀଙ୍କ ପରଲୋକ ଘଟିଛି । ଦିଲୀପ ଲଣ୍ଡନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ବହୁ ଦଶନ୍ଧି ଧରି ଲଣ୍ଡନରେ ରହୁଥିଲେ ତାଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା । ସେ ୩୨ ବର୍ଷ ବୟସରେ ଟେଷ୍ଟ କ୍ରିକେଟରେ ପ୍ରବେଶ କରିଥିଲେ ଏବଂ ମାତ୍ର ଚାରି ବର୍ଷର କ୍ୟାରିୟରରେ ଦିଲୀପ ଦୋଷୀ ୧୦୦ରୁ ଅଧିକ ଉଇକେଟ ନେଇଥିଲେ । ସେ ହଠାତ୍ କ୍ରିକେଟରୁ ନିଜକୁ ଦୂରେଇ ରଖିଥିଲେ । ଦିଲୀପ ତାଙ୍କ କ୍ରିକେଟ କ୍ୟାରିୟର ଉପରେ ଏକ ଆତ୍ମଜୀବନୀ ମଧ୍ୟ ଲେଖିଛନ୍ତି, ଯାହାର ନାମ ହେଉଛି ସ୍ପିନ ପଞ୍ଚ ।



ଦିଲୀପ ଦୋଷୀ ଭାରତର ଜଣେ ବାମହାତୀ ସ୍ପିନ ବୋଲର ଥିଲେ । ସେ ୧୯୭୯ ରୁ ୧୯୮୩ ମଧ୍ୟରେ ଭାରତର ଅନ୍ତର୍ଜାତୀୟ ଦଳର ଅଂଶ ଥିଲେ । ସେ ୩୨ ବର୍ଷ ବୟସରେ ତାଙ୍କର ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ । ସେ ତାଙ୍କ କ୍ୟାରିୟରରେ ଭାରତ ପାଇଁ ୩୩ ଟେଷ୍ଟ ଏବଂ ୧୫ ଦିନିକିଆ ଖେଳିଥିଲେ । ଦିଲୀପ ଦୋଷୀ ୩୩ ମ୍ୟାଚ୍‌ରେ ୧୧୪ ୱିକେଟ ନେଇଥିଲେ । ସେହି ସମୟରେ, ସେ ଛଅ ଥର ୫ ଉଇକେଟ ନେବାର ରେକର୍ଡ କରିଛନ୍ତି ।

ଦିଲୀପ ତାଙ୍କ କ୍ୟାରିଅରରେ ୧୫ଟି ଦିନିକିଆ ଖେଳିଥିଲେ, ଯେଉଁଥିରେ ସେ ୩.୯୬ ଇକୋନୋମି ସହିତ ବୋଲିଂ କରି ମୋଟ ୨୨ଟି ଉଇକେଟ ନେଇଥିଲେ । ଏହା ବ୍ୟତୀତ ସେ ପ୍ରଥମ ଶ୍ରେଣୀ କ୍ରିକେଟ ମଧ୍ୟ ଖେଳିଛନ୍ତି । ସେ ସୌରାଷ୍ଟ୍ର, ବେଙ୍ଗଲ, ୱର୍କଶାୟାର ଏବଂ ନଟିଂହାମଶାୟାର ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି ।

ଦିଲୀପ ଦୋଷୀଙ୍କ ପରିବାରରେ ତାଙ୍କ ପତ୍ନୀ କାଳିନ୍ଦୀ, ଗୋଟିଏ ପୁଅ ନୟନ ଏବଂ ଗୋଟିଏ ଝିଅ ବିଶାଖା ଅଛନ୍ତି । ତାଙ୍କ ପୁଅ ନୟନ ମଧ୍ୟ ସୌରାଷ୍ଟ୍ର ଏବଂ ସରେ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି । ଦିଲୀପ ତାଙ୍କ ପରିବାର ସହିତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଲଣ୍ଡନରେ ରହୁଥିଲେ ।

# ଶତକ ହାସଲ ପରେ ଟିମ୍ ଇଣ୍ଡିଆ ବିରୋଧରେ ବର୍ଷିଲେ ରାହୁଲ

**ଲିଡ୍ସ**

କେଏଲ ରାହୁଲ ଲିଡ୍ସରେ ଶତକ ହାସଲ କରିଥିଲେ । ସେ ଇଂଲଣ୍ଡ ପାଇଁ ଏକ ବଡ଼ ଲକ୍ଷ୍ୟ ସ୍ଥିର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଲିଡ୍ସ ଟେଷ୍ଟରେ ଚତୁର୍ଥ ଦିନର ଖେଳ ପରେ, କେଏଲ ରାହୁଲ ଏକ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି । କେଏଲ ରାହୁଲ ସାମ୍ବାଦିକ ସମ୍ମିଳନୀ କରିଥିଲେ, ଯେଉଁଥିରେ ସେ ଏକ ପ୍ରଶ୍ନର ଉତ୍ତରରେ କିଛି କହିଥିଲେ ଯାହା ମନେ ହେଉଥିଲା ଯେ ଟାର୍ଗେଟ ଟିମ୍ ଇଣ୍ଡିଆ ଥିଲା ।

ରାହୁଲ କହିଥିଲେ, ଗତ କିଛି ବର୍ଷ ମଧ୍ୟରେ ସେ ତାଙ୍କ ସ୍ଥାନ ଭୁଲିଯାଇଛନ୍ତି । କେତେବେଳେ ତାଙ୍କୁ ଓପନିଂ କରିବାକୁ ପଠା ଯାଉଥିଲା, କେତେବେଳେ ନମ୍ବର ୩, କେତେବେଳେ ନମ୍ବର ୫ ଏବଂ କେତେବେଳେ ଅନ୍ୟ କୌଣସି



କ୍ରମରେ । କିନ୍ତୁ ତାଙ୍କୁ ଯେକୌଣସି ଦାୟିତ୍ୱ ଦିଆଯାଇଥିଲା ତାହା ସେ ପୂରଣ କରିଥିଲେ । ଏହା ତାଙ୍କୁ ନିଜକୁ ଚ୍ୟାଲେଞ୍ଜ କରିବାର ସୁଯୋଗ ମଧ୍ୟ ଦେଇଥିଲା । ସେ ସେହି ସୁଯୋଗଗୁଡ଼ିକୁ ପୂର୍ଣ୍ଣ ଭାବରେ ଉପଭୋଗ କରିଥିଲେ । ଏହି ପ୍ରସଙ୍ଗରେ ଭାରତୀୟ ଥିଙ୍କ ଟ୍ୟାଙ୍କର ଚିନ୍ତାଧାରାକୁ ରାହୁଲ ପ୍ରଶ୍ନ କରୁଥିବା ମନେ ହେଉଥିଲା ।

କେଏଲ ରାହୁଲ ଲିଡ୍ସ ଟେଷ୍ଟର ଦ୍ୱିତୀୟ ଇନିଂସରେ ୨୪୭ ବଲ୍ ସାମ୍ନା କରି ୧୩୭ ରନ କରିଛନ୍ତି । ତାଙ୍କର ଶତକ ଏକ ବଡ଼ ଭୂମିକା ଗ୍ରହଣ କରିଥିଲା । ଯାହା ଯୋଗୁ ଟିମ୍ ଇଣ୍ଡିଆ ଇଂଲଣ୍ଡକୁ ୩୭୧ ରନ ଟାର୍ଗେଟ ଦେଇପାରିଥିଲା । ସେ କହିଥିଲେ, ମୋ ପାଇଁ ବହୁତ କିଛି ପରିବର୍ତ୍ତନ ହୋଇନାହିଁ, କେବଳ ଏବେ ମୁଁ ରନ କରୁଛି । ପୂର୍ବରୁ ମୁଁ ଆରମ୍ଭରେ ବଡ଼ ସ୍କୋର କରିପାରି ନ ଥିଲି । କିନ୍ତୁ ଏବେ ଅନେକ ଜିନିଷ ବଦଳି ଯାଇଛି । ଯେତେବେଳେ ବି ମୁଁ ଦେଶ ପାଇଁ ଖେଳିବାର ସୁଯୋଗ ପାଏ, ମୁଁ ମୋର ସର୍ବଶ୍ରେଷ୍ଠ ଦେବାକୁ ଚାହେଁ ।

ସାମ୍ବାଦିକ ସମ୍ମିଳନୀ ସମୟରେ ଶେଷ ଦିନର ଖେଳ ବିଷୟରେ ରାହୁଲ କହିଥିଲେ, ଫଳାଫଳ ବାହାରିବ, ଏହା ଏକ ଆକର୍ଷଣୀୟ ଦିନ ହେବ, ଠିକ ଏକ ବ୍ଲକବଷ୍ଟର ଫିଲ୍ମ ପରି । ଉଇକେଟ ପ୍ରଥମ ଇନିଂସ ପରି ସହଜ ନୁହେଁ । ଆମେ ଯଥାସମ୍ଭବ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରିବୁ ।

# ଦୁଇ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡ଼ା ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ଚାମ୍ପିଅନସିପ୍-୨୦୨୫ରେ କାଂସ୍ୟ ପଦକ ଜିତିଥିବା କ୍ରୀଡ଼ାବିତ୍ ପ୍ରଣତୀ ନାୟକ ଏବଂ ୩୮ତମ ନ୍ୟାସନାଲ୍ ଅଣ୍ଡର-୯ ଚେସ୍ ଚାମ୍ପିଅନସିପ୍‌ରେ (୩୮ତମ ଜାତୀୟ ୯ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍) ସଫଳତା ଅର୍ଜନ କରିଥିବା ସାତ୍ୱିକ ସ୍ୱାଇଁଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି । କ୍ରୀଡ଼ାବିତ୍ ପ୍ରଣତୀ ନାୟକଙ୍କୁ ୭୫,୦୦୦ ଟଙ୍କା ଏବଂ ସାତ୍ୱିକ ସ୍ୱାଇଁଙ୍କୁ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଭୟ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏଥିସହିତ ଆଗାମୀ ଭବିଷ୍ୟତରେ ମଧ୍ୟ ଏହି ବିଜୟର ଯାତ୍ରା ଜାରି ରଖିବା ପାଇଁ କ୍ରୀଡ଼ାବିତ୍‌ଙ୍କୁ ପ୍ରେରିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁ ଗଣ୍ଡି ସହ ଟ୍ରାକ୍ଟର ଜବତ ଜଣେ କୋର୍ଟ ଚାଲାଣ

**ପାଟଣାଗଡ, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ହରିଶଙ୍କର ବନବିଭାଗ ରେଞ୍ଜ ତରଫରୁ ଚଢ଼ଉ କରି ସୋମବାର ରାତିରେ କେନ୍ଦୁ ଗଣ୍ଡି ସହ ଏକ ନମ୍ବର ବିହୀନ ଟ୍ରାକ୍ଟର ଜବତ କରିଥିବା ବନବିଭାଗ ସୂଚନା ଦେଇଛି । ସୂଚନା ଅନୁଯାୟୀ ହରିଶଙ୍କର ବନଖଣ୍ଡ ଅଧିନସ୍ଥ ତୁର୍ଲା ଗ୍ରାମରୁ କେନ୍ଦୁ ଗଣ୍ଡି ଚୋରା ଚାଲାଣ ହେଉଥିବା ନେଇ ହରିଶଙ୍କର ବନାଞ୍ଚଳ କୌଣସି ସୂତ୍ରରୁ ଖବର ପାଇ ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକଙ୍କ ନେତୃତ୍ୱରେ କେନ୍ଦୁଗଣ୍ଡି ସହ ଗାଡ଼ି ଜବତ କରିଥିଲେ । ଏହି ଚଢ଼ଉ ସମୟରେ ଚୋରା ଚାଲାଣର ମୁଖ୍ୟ ଆରୋପି ତୁର୍ଲା ଗ୍ରାମର ମଣିଲାଲ ଛତରକୁ ଟ୍ରାକ୍ଟର ସହିତ ଗିରଫ କରିଥିଲେ । ଚଢ଼ଉ ବେଳେ ବନପାଳ ସୁଧିର କୁମାର ଜେନା, ରଞ୍ଜିତ କୁମ୍ଭାର, ବିପିନ ସାହୁ, ସଞ୍ଜୀବ ପଧାନ, ବନରକ୍ଷୀ ରାଜେନ୍ଦ୍ର ଧରୁଆ ସହ ଅନ୍ୟାନ୍ୟ ବନ୍ୟଜନ୍ତୁ ପ୍ରୋଟେକ୍ସନ ସ୍କ୍ୱାର୍ଡ ଧରିବାରେ ସାହାଯ୍ୟ କରିଥିଲେ ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ଡ୍ରେନେଜ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା କଂଗ୍ରେସର ଦାବିପତ୍ର

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ବ୍ୟାପୁଥିବା କଲେରା ଜିଲ୍ଲାରେ ପ୍ରଭାବ ବିସ୍ତାର କରିବାରେ ଲାଗିଥିବା ବେଳେ ପ୍ରଶାସନର ସ୍ଥାଣୁତା ଓ ସଚେତନତା ଅଭିଯାନ କାଗଜ କଲମରେ ସୀମିତ ରହିଛି । ଜଗତସିଂହପୁର ଜିଲ୍ଲାରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ସଙ୍କଟ, ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ, ଉଠା ଓ ସ୍ଥାୟୀ ଖାଦ୍ୟ ଦୋକାନର ସଠିକ୍ ମାନ ନିରୂପଣ ଆଦି ଆଦି ଦାବିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ନେତୃତ୍ୱରେ କଂଗ୍ରେସ ଦଳର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଓ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ. ସରୋଜ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଜିଲ୍ଲାର ଖାଦ୍ୟ



ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ କଂଗ୍ରେସ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି । ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ତାଙ୍କ ଦାୟିତ୍ୱକୁ ସଠିକ୍ ଭାବରେ ନିର୍ବାହ କରିବାରେ ବିଫଳ ହୋଇଛନ୍ତି ବୋଲି ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ମତବ୍ୟକ୍ତ କହିଛନ୍ତି ।

ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା କଂଗ୍ରେସ ଉପ ସଭାପତି ମହନୀ ଚରଣ ରାଉତ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ନେତା ଇଂ ଜ୍ଞାନ ରଞ୍ଜନ ଜେନା, ଆର୍ଶୀବାଦ ତ୍ରିପାଠୀ, ସରୋଜ ମହାପାତ୍ର, ସୁକାନ୍ତ କୁମାର ମହାପାତ୍ର, ମିର୍ଜା ସାମସୁଦ୍ଦିନ୍ ବେଗ, ଅବନୀକାନ୍ତ ମହାରଣା, ଦୀପକ୍ କୁମାର ପାଲ ପ୍ରମୁଖ ସାମିଲ ହୋଇଥିଲେ ।

# ଚୋରା ଗଞ୍ଜେଇ ଚାଲାଣ : ୧୪୦ କେଜି ଗଞ୍ଜେଇ ସହ ୨ ଗିରଫ, ଗାଡ଼ି ଜବତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ଚୋରା ଗଞ୍ଜେଇ ଚାଲାଣ ମାମଲାରେ ୨ ଅଭିଯୁକ୍ତକୁ ଗିରଫ ସହ ଏକ ମହିନ୍ଦ୍ରା ଜାୟଲୋ ଗାଡ଼ି ଜବତ କରିଛି ସୁବର୍ଣ୍ଣପୁର ଅବକାରୀ ବିଭାଗ । ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ପକ୍ଷରୁ ସୁବର୍ଣ୍ଣପୁର ସହରର କୁଞ୍ଜ ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ସକାଳ ପ୍ରାୟ ୮.୩୦ ବେଳେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ପଟରୁ ଆସୁଥିବା ମହିନ୍ଦ୍ରା ଜାୟଲୋ ଗାଡ଼ିଟି ନମ୍ବର ବିହୀନ ଗାଡ଼ି ଆସୁଥିବା ବେଳେ ତାକୁ ସନ୍ଦେହରେ କୁଞ୍ଜ ଛକରେ ଅଟକ ରଖି ତନଖି ସମୟରେ ସେଥିରୁ ୧୪୦ କେଜି ଗଞ୍ଜେଇ ମିଳିଥିଲା ଏବଂ ଜାୟଲୋ ଗାଡ଼ିରେ ଥିବା ନୂଆପଡ଼ା ଜିଲ୍ଲା ଜନକ ଥାନା ଖରିଆର ରୋଡ୍‌ର ଲିଙ୍ଗ ସାହୁ (୪୨) ଓ ବରଗଡ଼ ଜିଲ୍ଲା ଝାରବନ୍ଧ ଥାନା କୈଳାସପୁରର ଲମ୍ୱୋଦର ଦଣ୍ଡସେନା (୩୮) ବର୍ଷଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ଏହା ବୌଦ୍ଧ ଜିଲ୍ଲାରୁ ଖରିଆର ରୋଡ ନୂଆପଡ଼ା ଜିଲ୍ଲାକୁ ଚାଲାଣ କରୁଥିବା ସୂଚନା ଦେଇଛନ୍ତି । ଏ ନେଇ ସୁବର୍ଣ୍ଣପୁର ଅବକାରୀ ବିଭାଗର ପକ୍ଷରୁ ଏକ ମାମଲା ୪୪/୨୫/୨୬ ରୁଜୁ ହୋଇଛି । ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଜାୟଲୋ ଗାଡି ଓ ଗଞ୍ଜେଇ ଜବତ ସହ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉରେ ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ ଇନ୍‌ସପେକ୍ଟର ପ୍ରକାଶ କୁମାର ସା, ଇନ୍‌ସପେକ୍ଟର ହରପ୍ରସାଦ ରଣା, ଓଆଇସି ଶାନ୍ତନୁ ପଟ୍ଟନାୟକ, ଏଏସଆଇ ଲୋକନାଥ ବେହେରା, ଇଏସ ଆଇପ୍ରଭାତ ସାହୁ, ଇଏସଆଇ ଗଣେଷ ଭୋଇ, ଇଏସ ଆଇ ସମୀର ମିଶ୍ର ଓ ଅଶୋକୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ଅପ ଏ ୱିଇନ କରାଟେ ଏକାଡେମୀର ଦ୍ୱାଦଶତମ କରାଟେ ବେଲ୍ଟ ଗ୍ରେଡିଂ କାର୍ଯ୍ୟକ୍ରମ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଅପ ଏ ୱିଇନ କରାଟେ ଏକାଡେମୀ ପକ୍ଷରୁ ଗୀତା ଭବନ ପରିସରରେ ଦ୍ୱାଦଶତମ କରାଟେ ବେଲ୍ଟ ଗ୍ରେଡିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଏକାଡେମୀ ପକ୍ଷରୁ ଗତ ବର୍ଷଠାରୁ ଟଙ୍ଗ-ଲି-, ମୁଡ ମାର୍ଶାଲ ଆର୍ଟକୁ ସାମିଲ କରାଯାଇଛି । ଏହି ମାର୍ଶାଲ ଆର୍ଟରେ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀ ମାନେ ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରି ଆଗାମୀ ନଭେମ୍ବର ମାସରେ କାମ୍ବୋଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ଏହି କର୍ଯ୍ୟକ୍ରମରେ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାର୍ଶାଲ ଆର୍ଟ ପ୍ରଶିକ୍ଷଣ ସମ୍ପର୍କରେ ଅନେକ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ଯେହେତୁ ସେ ଜଣେ କରାଟେର ବ୍ଲାକ ବେଲ୍ଟ ଅଧିକରିଣୀ । ଅନ୍ୟତମ ଅତିଥି ଭାବେ ରାଜ୍ୟ ପ୍ରସାସାନିକ ପ୍ରଶିକ୍ଷଣ କେନ୍ଦ୍ରର ଉପ ନିର୍ଦ୍ଦେଶକ ସୋମ୍ୟକାନ୍ତ ସୋମ୍ୟଦର୍ଶୀ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧିବକ୍ତା ତଥା ଉତ୍କଳ ସମ୍ମିଳନୀର ସଭାପତି ଶକ୍ତି ଶଙ୍କର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ଶ୍ରୀମତୀ ସାଗରିକା ନାଥ କରାଟେ ପ୍ରଶିକ୍ଷଣ ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚନ କରିବା ସହ ଉତ୍ତୀର୍ଣ୍ଣ ହୋଇଥିବା ପାଞ୍ଚ ଜଣ ଛାତ୍ରଛାତ୍ରୀଙ୍କୁ ବ୍ଲାକ ବେଲ୍ଟ ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୦୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି କର୍ଯ୍ୟକ୍ରମକୁ ଅପ ଏ ୱିଇନର ନିର୍ଦ୍ଦେଶିକା ମୂର୍ଚ୍ଛନା ସୁବୁଦ୍ଧି ପରିଚାଳନା କରିଥିଲା ବେଳେ ପଶ୍ଚିମବଙ୍ଗରୁ ଆସିଥିବା ପରୀକ୍ଷା ଅଧିକ୍ଷକ ରାନା ଦେ, ଅଜିତ କୁମାର ପଲ ଓ ହୁଭାନେଶ୍ୱରର ଲଳାଟେନ୍ଦୁ ପରିଜା ଓ ବଳରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଶ୍ଚିତ ମୃତ୍ୟୁମୁଖରୁ ଫେରିଲେ ଉତ୍ତରପ୍ରଦେଶରୁ ଆସିଥିବା ବ୍ୟକ୍ତି ମଣିପାଲ ହସ୍ପିଟାଲରେ ସଫଳ ଚିକିତ୍ସା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ଲୋକପ୍ରିୟ ମଲ୍ଟିସ୍ପେଶାଲିଟି ହସ୍ପିଟାଲ ମଣିପାଲ ହସ୍ପିଟାଲ ଠାରେ ସଫଳତାର ସହିତ ହୋଇଛି ଏକ ଜଟିଳ ଅସ୍ତ୍ରୋପଚାର । ଯାହା ଫଳରେ ଉତ୍ତରପ୍ରଦେଶରୁ ଅସିଥିବା ଜଣେ ୪୫ ବର୍ଷୀୟ ବ୍ୟକ୍ତିଙ୍କ ଜୀବନ ରକ୍ଷା କରାଯାଇପାରିଛି । ମିଳିଥିବା ସୂଚନା ଅନୁସାରେ ଉତ୍ତର ପ୍ରଦେଶରୁ ଆସିଥିବା ରୋଗୀଙ୍କର ଦୀର୍ଘ ଧରି ପେଟ ବ୍ୟଥା ଓ ଅସ୍ୱସ୍ତି ଭାବ ଲାଗିରହିଥିଲା । ପ୍ରାଥମିକ ଚିକିତ୍ସା ପାଇଁ ତାଙ୍କ ପରିବାର ସଦସ୍ୟମାନେ ତାଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ଜଟିଳ ନେକ୍ରୋଟାଇଜିଂ ପ୍ୟାନକ୍ରିଆଟାଇଟିସ୍ ଚିହ୍ନଟ କରାଯାଇ ତା'ର ଚିକିତ୍ସା କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ପ୍ୟାନକ୍ରିଆସରେ ଗୋଟିଏ ଗୋଲାକାର ସିଷ୍ଟ ଗଠନ ହୋଇଥିଲା । କିଛି ଦିନ ମଧ୍ୟରେ ସେହି



ସିଷ୍ଟ ଆକାର ଦିନକୁ ଦିନ ବଢ଼ିବାକୁ ଲାଗିଲା । ଯାହା ଫଳରେ ପୁଣିଥରେ ପେଟରେ ଯନ୍ତ୍ରଣା, ଖାଇବାକୁ ଇଚ୍ଛା ନହେବା ଏବଂ ସ୍ୱାସ୍ଥ୍ୟ ଧୀରେଧୀରେ ଅଧିକ ଖରାପ ହେବାକୁ ଲାଗିଲା । ଯାହା ଫଳରେ ତାଙ୍କ ପରିବାର ସଦସ୍ୟମାନେ ଦେଶର ବିଭିନ୍ନ ମେଡିକାଲରେ ଚିକିତ୍ସା କରିଥିଲେ ମଧ୍ୟ ଉପଶମ ମିଳିନଥିଲା । ଶେଷରେ ସେମାନେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ଆସି ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ ।

ମଣିପାଲ ହସ୍ପିଟାଲର ବରିଷ୍ଠ ଶଲ୍ୟ ବିଶେଷଜ୍ଞ ଡାକ୍ତର ରମ୍ୟ ରଞ୍ଜନ ବେହେରା ତାଙ୍କର ସମସ୍ତ ପ୍ରକାର ଡାକ୍ତରୀ ପରୀକ୍ଷା ପରେ ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ । ଡାକ୍ତରୀ ପରୀକ୍ଷାରେ ତାଙ୍କର ପାନକ୍ରିଆଟିକ୍ ସ୍ୟୁଡୋସିଷ୍ଟ ସହିତ ଗଲ ବ୍ଲାଡର ଭିତରେ ଅନେକ ପଥର ଚିହ୍ନଟ ହୋଇଥିଲା । ଏହା ଏକ ଜଟିଳ ରୋଗ ଯେଉଁଥିରେ ରୋଗୀଙ୍କ ମୃତ୍ୟୁ ମଧ୍ୟ ହେବାର ମଧ୍ୟ ଆଶଙ୍କା ଥାଏ । ସେଥିପାଇଁ ଗଲ ବ୍ଲାଡର କାଢ଼ାଯିବା ସହିତ ପାନକ୍ରିଆସ୍ ଭିତରୁ ନେକ୍ରୋଟିକ ମାଟେରିଆଲ୍‌କୁ ମଧ୍ୟ କାଢ଼ାଯାଇଥିଲା । ସାଧାରଣତଃ ଏଥିପାଇଁ ପେଟକୁ କଟାଯାଇ ଅପରେସନ୍ କରାଯାଏ, କିନ୍ତୁ ଡାକ୍ତର ରମ୍ୟ ରଞ୍ଜନ ବେହେରା ଲାପାରୋସ୍କୋପିକ୍ ସର୍ଜରୀ ପଦ୍ଧତିରେ ମାତ୍ର ୪-୫ ଛୋଟ ଛୋଟ କଣା କରି ସଫଳତାର ସହିତ ଏହି ଅପରେସନ୍ କରିଥାନ୍ତି । ଯାହା ଫଳରେ ମାତ୍ର ୩ ଦିନ ମଧ୍ୟରେ ରୋଗୀ ଜଣକ ସୁସ୍ଥ ହୋଇ ଘରକୁ ଫେରିଥିଲେ ।

# ବଡ଼ଧରଣର ବ୍ୟାଙ୍କ ଲୁଟ୍

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା କୁଚେଇ ଗ୍ରାମ୍ୟ ବ୍ୟାଙ୍କରୁ ମଙ୍ଗଳବାର ଦିନ ଦ୍ୱି ପ୍ରହରରେ ସଶସ୍ତ୍ର ଡକାୟତି ହୋଇଛି । ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ସହ ହାର୍ଡଡିସ୍କ ଲୁଟି ନେଇଛନ୍ତି । ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମିଳିଥିବା ସୂଚନା ମୁତାବକ, ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିଥିଲେ । ପରେ ସେମାନେ ବ୍ୟାଙ୍କରେ ପଶି କର୍ମଚାରୀଙ୍କୁ ବନ୍ଧୁକ ସହ ଭୁଜାଲି ଦେଖାଇ ଭୟଭୀତ କରିବା ସହ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି । ଏପରିକି ଦୁର୍ବୃତ୍ତମାନେ ଲାଗିଥିବା ସିସି ଟିଭିର ହାର୍ଡଡିସ୍କ ନେଇଯାଇଛନ୍ତି । ଦୁର୍ବୃତ୍ତମାନେ ଯିବା ବେଳେ ବ୍ୟାଙ୍କ ଗେଟ୍‌ରେ ତାଲା ପକାଇ ଚମ୍ପଟ ମାରିଥିବା ଜଣାପଡ଼ିଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏପରିକି ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଲାଇଛି ।

# 'ସ୍ୱାଧୀନ ଭାରତର ଅଖଣ୍ଡତା ବଜାୟ ରଖିବାରେ ଶ୍ୟାମା ପ୍ରସାଦଙ୍କ ଅବଦାନ ଅତୁଳନୀୟ'

**ବାଲେଶ୍ୱର, ନ୍ୟୁଜ୍**

ଭାରତ ମାତାଙ୍କ ପୂଜନ ଓ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ, ସାମୁହିକ ବନ୍ଦେ ମାତରମ୍ ପରେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ତାଙ୍କ ଉଦ୍‌ବୋଧନରେ ସେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ମୃତି ଦିବସକୁ ଭାରତୀୟ ଜନତା ପାର୍ଟି ବଳିଦାନ ଦିବସ ରୂପରେ ପାଳନ କରିଆସୁଅଛି ବୋଲି କହିଥିଲେ । ସ୍ୱାଧୀନ ଭାରତକୁ ଅଖଣ୍ଡ କରିବା ପାଇଁ ଡ. ମୁଖାର୍ଜୀଙ୍କୁ ଆତ୍ମବଳିଦାନ ଦେବାକୁ ପଡ଼ିଥିଲା । କାଶ୍ମୀରକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ କୁହାଯାଉଥିଲେ ହେଁ ବାସ୍ତବରେ ତାହା ନଥିଲା । କାଶ୍ମୀରରେ ଅଲଗା ଆଇନ, ଅଲଗା ପ୍ରତିକ, ଅଲଗା ଶାସନ ବ୍ୟବସ୍ଥା ଥିଲା, ଏମିତିକି କାଶ୍ମୀର ଯିବାକୁ ପରମିଟ୍‌ର ଆବଶ୍ୟକତା ପଡୁଥିଲା । ବୈଚାରିକ ମତଭେଦ, ସଂଖ୍ୟାଲଘୁ ତୁଷ୍ଟିକରଣ, ପାକିସ୍ତାନ ପୋଷଣ ନୀତି ପାଇଁ ତତ୍କାଳୀନ ନେହେରୁ ସରକାରଙ୍କର ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ଦେଇ 'ଗୋଟିଏ ଦେଶରେ




ଗୋଟିଏ ପ୍ରଧାନ, ଗୋଟିଏ ବିଧାନ ଓ ଗୋଟିଏ ନିଶାନ' ଆହ୍ୱାନ ଦେଇ ସେ ତାଙ୍କର କାର୍ଯ୍ୟପନ୍ଥା ଗ୍ରହଣ କରିଥଲେ । ଶେଷରେ ୧୯୫୩ ଜୁନ ୨୩ ତାରିଖରେ କାଶ୍ମୀରରେ ତାଙ୍କର ରହସ୍ୟମୟ ଭାବରେ ମୃତ୍ୟୁ ଘଟିଥିଲା । ତାଙ୍କୁ ହତ୍ୟା କରାଯାଇଥିଲା ବୋଲି ମତ ପ୍ରକାଶ ପାଇଛି । ସେ କେବଳ ଜଣେ ବିଚକ୍ଷଣ ରାଜନୈତିକ ବ୍ୟକ୍ତିବିଶେଷ ନଥିଲେ ଏକାଧାରରେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ସମାଜସୁଧାରକ, ଭବିଷ୍ୟ ଦ୍ରଷ୍ଟା, ବାଗ୍ମୀ ଥିଲେ । ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟି କାର୍ଯ୍ୟ କରିଆସୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡ. ମୁଖାର୍ଜୀଙ୍କ ସ୍ୱପ୍ନକୁ ସାକାର କରିଛନ୍ତି । ଦୀର୍ଘ ସଂଘର୍ଷମୟ ଲଢ଼େଇ ପରେ କାଶ୍ମୀରକୁ ଭାରତରେ ସଂପୂର୍ଣ୍ଣ ବିଲୟ କରାଯାଇ ପାରିଛି । କାଶ୍ମୀରରୁ ଧାରା ୩୭୦ ଏବଂ ୩୫କ ଉଚ୍ଛେଦ ହୋଇଛି । ଅନ୍ୟ ବକ୍ତା ଭାବରେ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଜୀବନ ପ୍ରଦୀପ ଦାଶ, କାର୍ଯ୍ୟକ୍ରମର ଜିଲ୍ଲା ସହସଂଯୋଜକ ଶ୍ରୀନିବାସ ପ୍ରଧାନ ଓ ଶୋଭନା ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ସ୍ୱର୍ଗତ ମୁଖାର୍ଜୀଙ୍କ ଜୀବନୀ ଓ ଆଦର୍ଶ, ରାଜନୈତିକ ବିଚାର ଉପରେ ଆଲୋଚନା କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ସମାରୋପ ବକ୍ତବ୍ୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଗଣମାଧ୍ୟମ ସହସଂଯୋଜକ ରଞ୍ଜିତ ପୃଷ୍ଟି, ଜିଲ୍ଲା ସମ୍ପାଦକ ବିଜୟ ସାହୁ, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ସହଯୋଗ କରିଥିଲେ । ସାମୁହିକ ଜାତୀୟ ସଂଗୀତ ଗାନ ଉପରାନ୍ତେ ସଭାକାର୍ଯ୍ୟ ସମାପ୍ତ ହୋଇଥିଲା ।

ଭୁବନେଶ୍ୱର
୨୫ ଜୁନ୍,
ବୁଧବାର,୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# ଅଣସରରେ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ

**ପୁରୀ ୨୪/୦୬ ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ଚତୁର୍ଦ୍ଦଶୀରେ ଅଣସର ଘରେ ଦାରୁଦିଅଁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି । ଶ୍ରୀମନ୍ଦିର ଭିତର ବେଢ଼ାରେ ବଳିପାତାଳ ମନ୍ଦିର ପାର୍ଶ୍ୱରେ ବନକ ଘରେ ପ୍ରସ୍ତୁତ ହୋଇଛି ବନକ ଦ୍ରବ୍ୟ ତଥା ଠାକୁରଙ୍କ ଶ୍ରୀମୁଖ ସିଂହାର ସାମଗ୍ରୀ। ଦଇତମହାପାତ୍ର ସେବକମାନେ ଅଣସର ପାଳିରେ ହବିଷ୍ୟାନ୍ନରେ ରହି ଏହି ସେବାକୁ ସମ୍ପନ୍ନ କରିଛନ୍ତି। ଦେବସ୍ନାନ ପୂର୍ଣ୍ଣିମାଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ବିଶେଷ ରୂପେ ଶଙ୍ଖ ପାଉଡର ପ୍ରସ୍ତୁତ କରାଯାଏ । ଏହି ଗୃହ ମଧ୍ୟରେ ବନକ ଦ୍ରବ୍ୟ ଯଥା ହରିତାଳ, ହେଙ୍ଗୁଳ, କଇଥ ଅଠା, କର୍ପୁର, କେଶର ଏବଂ କସ୍ତୁରୀ ଆଦି



ପ୍ରସ୍ତୁତ କରାଯାଇଥିଲା। ୨ ଦିନ ଧରି ଶ୍ରୀମନ୍ଦିରରେ ଠାକୁରଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି।

# ନବକୃଷ୍ଣ ଚୌଧୁରୀ ଓଡ଼ିଶା ପାଇଁ ଜଣେ ସ୍ରଷ୍ଟା ଥିଲେ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪/୦୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ବିଧାନସଭା ପରିସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ପ୍ରଗତି ତଥା ତୃଣମୂଳ ସ୍ତରରୁ ଜନତାଙ୍କ ଉନ୍ନତି ପାଇଁ ତାଙ୍କର ପ୍ରୟାସ ନିମନ୍ତେ ସେ ଚିର ସ୍ମରଣୀୟ ହୋଇ ରହିବେ। ଏହି କାର୍ଯ୍ୟକ୍ରମରେ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତୃତ୍ୱ ଉପସ୍ଥିତ ରହିଥିଲେ । ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତି ଚାରଣ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ତାଙ୍କର ଅବଦାନ ଓଡ଼ିଶା ପାଇଁ ଅନନ୍ୟ । ସେ ଓଡ଼ିଶା ପାଇଁ ଏକ ସ୍ରଷ୍ଟା ଥିଲେ । ଆମ ରାଜ୍ୟର ସଂଗ୍ରାମୀ ମଣିଷ ନବକୃଷ୍ଣ ଚୌଧୁରୀ ।



# ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତି ନେଇ ଜନସ୍ୱାର୍ଥ ମାମଲା : ଜବାବ ତଲବ କଲେ ହାଇକୋର୍ଟ

**କଟକ, ୨୪/୦୬ ନ୍ୟୁଜ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାୟୀ ତଥା ଭାରପ୍ରାପ୍ତ କୁଳପତି ନିଯୁକ୍ତି ସମ୍ପର୍କରେ ଆଗତ ଜନସ୍ୱାର୍ଥ ମାମଲାର ହାଇକୋର୍ଟରେ ପ୍ରାଥମିକ ଶୁଣାଣି କରାଯାଇଛି। ଏନେଇ ଜବାବ ତଲବ କଲେ ଉଚ୍ଚ ନ୍ୟାୟାଳୟ। ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଶୁଣାଣି ହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୮ ତାରିଖରେ ହେବ।



ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ହୋଇଥିବା ଏହି ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି ଯେ, ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୩ ନଭେମ୍ବର ୨୦୨୪ରେ ସମ୍ପୂର୍ଣ୍ଣ ହେବା ପରେ କୁଳାଧିପତି (ଚାନ୍ସଲେର) ତାଙ୍କର କାର୍ଯ୍ୟକାଳ ଛଅମାସ ବୃଦ୍ଧି କରିଥିଲେ। ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ୨୩ ମେ' ୨୦୨୫ରେ ସମାପ୍ତ ହେଲାପରେ କୁଳାଧିପତି ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲଜି ବିଭାଗର ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବରେ ୨୭ ମେ' ୨୦୨୫ରେ ନିଯୁକ୍ତି ଦେଇଥିଲେ। କିନ୍ତୁ କୌଣସି କାରଣବଶତଃ ସ୍ଥାୟୀ କୁଳପତି ନିଯୁକ୍ତି ସମ୍ଭବ ନହେଲେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାର ପ୍ରାବଧାନ ରହିଛି । ତେଣୁ କୁଳାଧିପତିଙ୍କ ଦ୍ୱାରା ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ବେଆଇନ ହୋଇଥିବାରୁ ଏହାକୁ ରଦ୍ଦ କରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ରୂପେ ନିଯୁକ୍ତି ଦେବାକୁ ଆଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୮ ତାରିଖରେ ହେବ।

# ରଥ ଉପରେ ଥିବା ଅଣସେବାୟତଙ୍କୁ ଚିହ୍ନଟ କରିବେ ଜିଲ୍ଲାପାଳ, ଏସ୍‌ପି, ଏଡିଏମ



**ପୁରୀ, ୨୪/୦୬ ନ୍ୟୁଜ ବ୍ୟୁରୋ**

ରଥ ଉପରେ ଚଢ଼ିପାରିବେନି ଅଣସେବାୟତ। ସେବାରେ ଥିବା ସେବାୟତଙ୍କୁ ରଥ ଉପକୁ ମୋବାଇଲ ନେବା ମନା । ନିୟମ ନ ମାନିଲେ ନିଆଯିବ କଡା କାର୍ଯ୍ୟାନୁଷ୍ଠାନ। ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଶୃଙ୍ଖଳିତ ରଥ ଟଣା ଓ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କିଭଳି ଶୃଙ୍ଖଳିତ ଭାବରେ ଅନୁଷ୍ଠିତ ହୋଇ ପାରିବ ସେନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ପରେ ବରିଷ୍ଠ ଦାଇତାପତି ସେବକ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, 'ଆଗାମୀ ରଥଯାତ୍ରାରେ କିଭଳି ରଥ ଟଣା ଶୃଙ୍ଖଳିତ ଭାବରେ ହୋଇପାରିବ, କେତେ ସେବାୟତ ରଥ ଉପରେ ରହିବେ, ରଥ ଟଣା ପାଇଁ କ'ଣ ନୀତି ନିୟମ ରହିବ ସେ ନେଇ ଆଲୋଚନା ହୋଇଛି। ରଥ ଉପରେ ସେବାରେ ଥିବା ସଂପୃକ୍ତ ସେବାୟତମାନେ କେବଳ ରଥ ଉପରେ ରହିପାରିବେ। ପୁରୀ ଜିଲ୍ଲାପାଳ, ଏସପି, ଏଡିଏମ ନିଜେ ରଥ ଉପରେ ଥିବା ଅଣସେବାୟତଙ୍କୁ ଚିହ୍ନଟ କରିବେ। ଯିଏ ବି ନିୟମ ଉଲ୍ଲଂଘନ କରିବ ସେମାନଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବେ। ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, 'ଚଳିତ ରଥଯାତ୍ରାରେ କିଭଳି ରଥ ଟଣା ଓ ମହାପ୍ରଭୁଙ୍କ ପହଣ୍ଡିରେ ଶୃଙ୍ଖଳା ରହିପାରିବ ସେନେଇ ଆଲୋଚନା ହୋଇଛି। ଏହି ବୈଠକରେ ସେବାୟତ, ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ରଥ ଟଣା କିଭଳି ଠିକ ସମୟ ଅନୁଯାୟୀ ହୋଇପାରିବ, କ'ଣ ସବୁ ଗାଇଡଲାଇନ ଅଛି ତାହା ସବିଶେଷ ଆଲୋଚନା ହୋଇଛି । ମହାପ୍ରଭୁଙ୍କ ପହଣ୍ଡି ଓ ରଥ ଟଣାକୁ ଶୃଙ୍ଖଳିତ କରିବା ପାଇଁ ରଥ ଉପରେ କୌଣସି ସେବାୟତ ମୋବାଇଲ ନେବା ନିଷିଦ୍ଧ କରାଯାଇଛି। ଏହାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଗତ ସ୍ନାନଯାତ୍ରାରେ ଯେଉଁ ସେବାୟତମାନେ ସ୍ନାନ ମଣ୍ଡପରେ ମୋବାଇଲ ନେଇଥିଲେ ସେମାନଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ନୋଟିସ ଦିଆଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି ନିୟମ ମଧ୍ୟ ରଥଯାତ୍ରା ପାଇଁ ଲାଗୁ ହେବ। ରଥ ଉପରେ ଅଣସେବାୟତ ଚଢ଼ିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପହଣ୍ଡି ନୀତିକୁ ଶୃଙ୍ଖଳିତ କରିବା ପାଇଁ ପହଣ୍ଡି ଦଳ ଗଠନ ହୋଇଛି । ସେମାନେ କିଭଳି ପହଣ୍ଡିକୁ ଶୃଙ୍ଖଳିତ ଭାବେ କରିବେ ସେନେଇ ସେବାୟତଙ୍କ ସହ ଆଲୋଚନା ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୀ ଜିଲ୍ଲାପାଳଙ୍କ ସମେତ ଏସ୍‌ପି, ଶ୍ରୀମନ୍ଦିର ଅଧିକାରୀ ଓ ସେବାୟତମାନେ ଉପସ୍ଥିତ ଥିଲେ ବୋଲି ସୂଚନା ମିଳିଛି।

# ଓଡ଼ିଶାକୁ ବିଶ୍ୱସ୍ତରୀୟ ଟେକ୍ନୋଲୋଜି ହବ୍‌ରେ ପରିଣତ କରାଯିବ

**ଭୁବନେଶ୍ୱର,୨୪।୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଟେକ୍ନୋଲୋଜି ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି । ଅତ୍ୟାଧୁନିକ କର୍ମଶକ୍ତି ପରିଚାଳନା, ସାମର୍ଥ୍ୟର ଅପ୍ଟିମାଇଜେସନ୍ ଏବଂ ନବସୃଜନ ତଥା ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା ରଖି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଲଜାଇଲ୍ ଏହାର ନୂତନ ସହାୟକ କମ୍ପାନୀ ଏବଂ ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର ଓଡ଼ିଶାରେ ଉଦଘାଟନ କରିଛି । କାର୍ଯ୍ୟକ୍ରମ ଆରମ୍ଭରେ ଲଜାଇଲର ପ୍ରତିଷ୍ଠାତା ତଥା ସିଇଓ ପୂର୍ଣ୍ଣ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ କମ୍ପାନୀର ଯାତ୍ରା ଏବଂ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏକ ଉପସ୍ଥାପନାରେ ସେ ଅତ୍ୟାଧୁନିକ କର୍ମଶକ୍ତି ପରିଚାଳନା, ସାମର୍ଥ୍ୟ ଅପ୍ଟିମାଇଜେସନ୍ ଏବଂ ନବସୃଜନ ଓ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା କ୍ଷେତ୍ରରେ ତାଙ୍କ କମ୍ପାନୀ ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଉଲ୍ଲେଖ କରିଥିଲେ। ଶ୍ରୀ ମିଶ୍ର ଆହୁରି କହିଥିଲେ ଯେ, ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ନବସୃଜନ କେନ୍ଦ୍ର ପ୍ରତିଷ୍ଠା କରିବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପଛରେ ପ୍ରମୁଖ କାରଣ ହେଉଛି ଏହାର ବିପୁଳ ପ୍ରତିଭା ଭଣ୍ଡାର । ପ୍ରତିଭାକୁ ପରିପୋଷିତ କରୁଥିବା ଏବଂ ଦୀର୍ଘକାଳୀନ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରୁଥିବା ଏକ ସହଯୋଗୀ ଇକୋସିଷ୍ଟମ ଗଢ଼ି ତୋଳିବା କମ୍ପାନୀର ଲକ୍ଷ୍ୟ ଏବଂ ଏହା ଓଡ଼ିଶାର ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ଲକ୍ଷ୍ୟ ସହ ପ୍ରଯୁକ୍ତ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଲଜାଇଲ୍‌ର ପ୍ରତିଷ୍ଠାତା ତଥା ସିଇଓ ଶ୍ରୀ ମିଶ୍ର ତଥା ତାଙ୍କ ଟିମର ଦୂରଦୃଷ୍ଟିପୂର୍ଣ୍ଣ ପଦକ୍ଷେପ ପାଇଁ ଅଭିନନ୍ଦନ ଜଣାଇଥିଲେ । ଶ୍ରୀ ମହାଲିଙ୍ଗ କହିଥିଲେ ଯେ, ସକ୍ରିୟ ପ୍ରଶାସନ, ଅନୁକୂଳ ବ୍ୟବସାୟିକ ପରିବେଶ ସହ ଏକ ପ୍ରତିଶ୍ରୁତିପୂର୍ଣ୍ଣ ନିବେଶ-ଗନ୍ତବ୍ୟସ୍ଥଳ ଭାବରେ ଭୁବନେଶ୍ୱର ଉଭା ହେଉଛି । କମ୍ପାନୀର ଉଦଘାଟନ କେବଳ ଏକ ସୁବିଧାର



ଶୁଭାରମ୍ଭ ନୁହେଁ, ବରଂ ଏହା ସୁଯୋଗ ଏବଂ ନବସୃଜନ ମଧ୍ୟରେ ଏକ ଦୀର୍ଘକାଳୀନ ସହଭାଗିତାର ଶୁଭାରମ୍ଭ । ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଭୁବନେଶ୍ୱରରେ ଲଜାଇଲର ଉପସ୍ଥିତିକୁ ସ୍ୱାଗତ କରିଥିଲେ । ସେ କହିଥିଲେ, 'ଲଜାଇଲ୍‌ର ଉପସ୍ଥିତି ଓଡ଼ିଶାର ଇକୋସିଷ୍ଟମ ପାଇଁ ଏକ ବିରାଟ ପ୍ରୋତ୍ସାହନ''। ସେ ଭିତ୍ତିଭୂମି, ପ୍ରତିଭା ବିକାଶ ଏବଂ ଗବେଷଣା ଓ ବିକାଶ ପାଇଁ ପ୍ରୋତ୍ସାହନ ସମେତ ଟେକ୍ ନିବେଶକୁ ଆକର୍ଷିତ କରିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରଗତିଶୀଳ ନୀତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ପକ୍ଷରୁ ଏକ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ । ଏହି ସମାରୋହରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ ।

# ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ର ଉପରେ କେ.ଭିଙ୍କ ଆଲୋକପାତ

**ଭୁବନେଶ୍ୱର, ୨୪/୦୬ ନ୍ୟୁଜ ବ୍ୟୁରୋ**



କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହରଲାଲଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିହାରର ପାଟନାରେ ପୂର୍ବାଞ୍ଚଳ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ରାଜ୍ୟ ଶକ୍ତିମନ୍ତ୍ରୀ ଏବଂ ଶକ୍ତି ସଚିବମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମ୍ମିଳନୀରେ ଯୋଗ ଦେଇ ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ର ଉପରେ ଆଲୋକପାତ କରିଛନ୍ତି। ଶ୍ରୀ ସିଂହଦେଓ କହିଛନ୍ତି ଯେ, ଓଡ଼ିଶା ଏକ ସ୍ଥିର, ସବୁଜ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରତିବଦ୍ଧ। ନବୀକରଣୀୟ, ସୁଦୃଢ଼ ପରିବହନ ଯୋଜନା, ସାଇବର ସୁରକ୍ଷା ଏବଂ ଆର୍ଥିକ ସଂସ୍କାରରେ ରଣନୈତିକ ନୀତି ମାଧ୍ୟମରେ ଆମେ ଶକ୍ତି କ୍ଷେତ୍ରରେ ଏକ ମଡେଲ ରାଜ୍ୟ ହେବାକୁ ଲକ୍ଷ୍ୟ ରଖିଛୁ। ଶ୍ରୀ ସିଂହଦେଓ ପୁନର୍ବାର ଦୃଢ଼ୋକ୍ତି ପ୍ରକାଶ କରି କହିଥିଲେ ଯେ, ଓଡ଼ିଶା ସଫଳତାର ସହ ଏକ ଶକ୍ତି-ପର୍ଯ୍ୟାପ୍ତ ରାଜ୍ୟରୁ ଏକ ଶକ୍ତି-ସଶକ୍ତ ରାଜ୍ୟରେ ପରିଣତ ହୋଇଛି। ରାଜ୍ୟର ସର୍ବାଧିକ ୬,୨୪୨ ମେଗାୱାଟ୍ ବିଦ୍ୟୁତ୍ ଚାହିଦା ପୂରଣ କରାଯାଇଛି। ୨୦୩୬ ସୁଦ୍ଧା ଓଡ଼ିଶାର ୬୧ପ୍ରତିଶତ ବିଦ୍ୟୁତ୍ ଅଣ-ଜୀବାଶ୍ମ ଉତ୍ସରୁ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ୨୦୩୬ ସୁଦ୍ଧା ମୋଟ ୧୧,୨୯୪ ମେଗାୱାଟ୍ ବିଦ୍ୟୁତ୍ ଯୋଡିବାକୁ ଯୋଜନା କରିଛି, ଯେଉଁଥିରେ ସୌର, ପବନ, ଜଳ ଏବଂ ପମ୍ପଡ୍ ଷ୍ଟୋରେଜ୍ ଅନ୍ତର୍ଭୁକ୍ତ ଅଟେ । ଏଥିରୁ ୩,୯୦୪ ମେଗାୱାଟ୍ ପାଇଁ ପୂର୍ବରୁ ଚୁକ୍ତିନାମା କରାଯାଇଛି। ଗ୍ରୀଡ୍ ବିଫଳତା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଆଇଲ୍ୟାଣ୍ଡିଂ ଯୋଜନା ମାଧ୍ୟମରେ ଓଡ଼ିଶା ଗ୍ରୀଡ୍ ସ୍ଥିରତା ହାସଲ କରିଛି। ପୁନଃନିର୍ମିତ ବଣ୍ଟନ କ୍ଷେତ୍ର ଯୋଜନା ଅଧୀନରେ ୬୨୮୪ କୋଟି ଟଙ୍କାର ପାଣ୍ଠି ମଞ୍ଜୁର କରିବାରେ ଉପମୁଖ୍ୟମନ୍ତ୍ରୀ ଭାରତ ସରକାରଙ୍କଠାରୁ ସମର୍ଥନ ଲୋଡ଼ିଛନ୍ତି । ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ ଭିତ୍ତିଭୂମି ପାଇଁ କେନ୍ଦ୍ରୀୟ ଆର୍ଥିକ ସହାୟତା, ଏନଏଲସି ତଲାବିରା ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପରୁ ଓଡ଼ିଶାକୁ ୮୦୦ ମେଗାୱାଟ ବିଦ୍ୟୁତ ଆବଣ୍ଟନ, ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ, ଓଡ଼ିଶାରେ ଭାସମାନ ସୌର ପ୍ରକଳ୍ପ, ଅଫଶୋର ପବନ ପ୍ରକଳ୍ପ ଏବଂ ଓଡ଼ିଶା ଉପକୂଳରେ ଜୁଆର ସମ୍ଭାବନାର ଅଧ୍ୟୟନ ସହିତ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ପାଇଁ ସାଧନଯୋଗ୍ୟ ଅନ୍ତର ପାଣ୍ଠି ପାଇଁ ଓଡ଼ିଶାରେ ସବୁଜ ଶକ୍ତି ପରିବହନ କରିଡର ପ୍ରକଳ୍ପ ଅଧୀନରେ କେନ୍ଦ୍ରୀୟ ଆର୍ଥିକ ସହାୟତା ମଞ୍ଜୁର ପାଇଁ ସହାୟତା ମାଗିଛନ୍ତି ।

# ପୁରୀରେ ମଦ ଦୋକାନ ଉପରେ ଲାଗିଲା କଟକଣା : ୪ ଦିନ ବନ୍ଦ ରହିବ

**ପୁରୀ, ୨୪/୦୬ ନ୍ୟୁଜ ବ୍ୟୁରୋ**

ଆଉ ମାତ୍ର ଦିନକ ପରେ ରଥଯାତ୍ରା । ଶ୍ରୀକ୍ଷେତ୍ରର ନିଶା କାରବାରକୁ ନିୟନ୍ତ୍ରଣ କରିବା ଲାଗି ଏବେଠୁ ସତର୍କ ହେଲାଣି ଅବକାରୀ ବିଭାଗ। ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ପୁରୀ ପୌରାଞ୍ଚଳରେ ଥିବା ୩୧ଟି ମଦ ଦୋକାନକୁ ବନ୍ଦ ରଖିବା ଲାଗି ନିର୍ଦ୍ଦେଶ ଜାରି କରାଯାଇଛି । ଶ୍ରୀକ୍ଷେତ୍ରରେ ଥିବା ସମସ୍ତ ବିଦେଶୀ, ଦେଶୀ ମଦ ଦୋକାନ ଓ ବାର୍ ୪ ଦିନ ବନ୍ଦ ରହିବ ବୋଲି କହିଛନ୍ତି ଜିଲ୍ଲା ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ । ଅବକାରୀ ଅଧୀକ୍ଷକ ଶ୍ରୀ ସାମଲଙ୍କ ସୂଚନା ଅନୁସାରେ ସହର ଓ ସହର ନିକଟବର୍ତ୍ତୀ ଅଞ୍ଚଳରେ ୧୯ଟି ଠିପି ବନ୍ଦ, ୧୨ଟି ଠିପି ଖୋଲା ଓ ୬ଟି ଲାଇସେନ୍ସ ପ୍ରାପ୍ତ ଭାଙ୍ଗ ଦୋକାନ ରହିଛି । ରଥଯାତ୍ରା ପୂର୍ବଦିନ ଅର୍ଥାତ୍ ଜୁନ୍ ୨୬ ତାରିଖ ଅପରାହ୍ଣ ୪ଟାରୁ ୨୭ ତାରିଖ ଓ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନି ରଥ ପହଞ୍ଚିବା ପର୍ଯ୍ୟନ୍ତ ସମସ୍ତ ଦୋକାନ ବନ୍ଦ ରହିବ । ସେହିଭଳି ବାହୁଡ଼ାଯାତ୍ରା ପୂର୍ବଦିନ ଜୁଲାଇ ୪ ତାରିଖ ଅପରାହ୍ଣ ୪ଟାରୁ ୫ ତାରିଖ ବାହୁଡା ଯାତ୍ରା ଓ ୬ ତାରିଖ ସୁନାବେଶ ଦିନ ଏହି ସମସ୍ତ ଦୋକାନ ଓ ବାର୍ ବନ୍ଦ ରହିବ। ଶ୍ରୀକ୍ଷେତ୍ର ସମେତ ସହର ନିକଟବର୍ତ୍ତୀ ଚନ୍ଦନପୁର, ଜାନକାଦେଇପୁର ଓ ବଳିଆପଣ୍ଡା ରୟାଲ ପ୍ୟାଲେସ ରେଷ୍ଟୁରାଣ୍ଟ ଏବଂ ତୋଷାଳିସ୍ୟାଣ୍ଡ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ହୋଇଛି । ପ୍ରଶାସନର କଟକଣା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ୍ କରି ଚୋରା ନିଶା ବେପାରୀ ଅଗ୍ରୀମ ମଦ କିଣି ଏବେଠାରୁ ଠୁଳ କରିବା ଆରମ୍ଭ କରି ଦେଲେଣି। ବିଶେଷ ଭାବେ ସହରର ପେଣ୍ଠକଟା, ଅଠରନଳା, ସ୍ୱର୍ଗଦ୍ୱାର, ତାଳବଣିଆ ଓ ବଡ଼ଦାଣ୍ଡ ନିକଟ କିଛି ଗଳିକନ୍ଦିରେ ବିଦେଶୀ ମଦ କାରବାର ଜାରି ରହିଛି । ନିକଟରେ ରହିଥିବା ସରକାରୀ ମଦ ଦୋକାନ ଅତିରିକ୍ତ କୋଟା ଉଠାଇ ଏସବୁକୁ ବିପୁଳ ପରିମାଣରେ ଚୋରା ବେପାରୀଙ୍କୁ ବେଆଇନ୍ ଭାବେ ଯୋଗାଇ ଦେଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ସହରାଞ୍ଚଳରେ ମଦ ଦୋକାନ ବନ୍ଦ ରହିବା ସମୟରେ ସହର ଉପକଣ୍ଠ ଗ୍ରାମାଞ୍ଚଳରେ ମାତ୍ରାଧିକ ଭାବେ ଚୋରା ମଦ ଓ ଅନ୍ୟ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଇଥାଏ । ସ୍ଥାନୀୟ ପୁଲିସ ଓ ଅବକାରୀ ଅଧିକାରୀମାନେ ଏବିଷୟରେ ଅବଗତ ଥିଲେ ସୁଦ୍ଧା ଏହାକୁ ରୋକିବାରେ ସଫଳ ହୋଇପାରନ୍ତି ନାହିଁ । ଯାହାଦ୍ୱାରା ଗ୍ରାମାଞ୍ଚଳରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ନିଶାଡ଼ିଙ୍କ ଭିଡ଼ ଲାଗି ଥାଏ। ଏହି ସମୟରେ ଗ୍ରାମାଞ୍ଚଳ ଚୋରା ବ୍ୟବସାୟୀମାନେ ଚଢ଼ା ଦରରେ ମଦ ବିକ୍ରି କରିଥାନ୍ତି। ଏହାକୁ ନେଇ ମଧ୍ୟ ଗ୍ରାମାଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବା ନଜିର ରହିଛି । ଏସମ୍ପର୍କରେ ଅବକାରୀ ଅଧୀକ୍ଷକ ଶ୍ରୀ ସାମଲ କହିଛନ୍ତି, ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯିବ।

